୫୭ ବର୍ଷୀୟା ସୁପ୍ରିୟା ତାମିଲନାଡୁ ବାସିନ୍ଦା। ୧୯୯୧ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଅନେକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଦୂରଦର୍ଶନର ମହାନିର୍ଦ୍ଦେଶିକା ରହିଥିବା ବେଳେ ସେ ଅନେକ ଶିକ୍ଷଣୀୟ କାର୍ଯ୍ୟକ୍ରମ ରୂପାୟନ କରି ସଂସ୍ଥାର ଅଭୂତପୂର୍ବ ରାଜସ୍ୱ ବଢ଼ାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁପ୍ରିୟା ବିଗତ ଚାରିବର୍ଷ ଧରି ତାମିଲନାଡୁର ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ମନଲାଖି ବିଭାଗ ମିଳିଥିବାରୁ ସେ ପରିବେଶ, ଜଳବାୟୁ ପରିବର୍ତ୍ତନ ଓ ବନ୍ୟପ୍ରାଣୀ ସଂରକ୍ଷଣ ଆଦି ଦିଗରେ ବିଶେଷ ଆଗ୍ରହ ରଖିଛନ୍ତି। ପ୍ରକୃତି ପ୍ରତି ପ୍ରେମ ତାଙ୍କର ପିଲାଦିନରୁ ଆରମ୍ଭ ହୋଇଥିଲା। ବାପାଙ୍କ ଚାକିରି ପାଇଁ ସେ ଦେଶର ବିଭିନ୍ନ ପ୍ରାନ୍ତରେ ରହିବାର ସୁଯୋଗ ପାଇଥିଲେ। ତାଙ୍କ ପ୍ରୋଫାଇଲରୁ ପରିବାର ବିଷୟରେ ବିଶେଷ ତଥ୍ୟ ନ ଥିବାରୁ ଲେଖା ତାଙ୍କ ଉପରେ ମୁଖ୍ୟତଃ କେନ୍ଦ୍ରିତ। ସେ ହାତୀଙ୍କୁ ଅତି ଭଲପାଆନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ସେମାନଙ୍କ ବିଷୟରେ ପୋଷ୍ଟରେ ଭର୍ତ୍ତି। ତାଙ୍କ ଅନ୍ୱେଷଣ କହେ ହାତୀ ଆମକୁ ଅସୁବିଧାରୁ ତୁରନ୍ତ ରକ୍ଷା ପାଇବାର ଦକ୍ଷତା ବଢ଼ାଇବା, ପରିବାର ବନ୍ଧନ ଏବଂ ନେତୃତ୍ୱ ବିଷୟରେ ଶିକ୍ଷା ଦେଇଥାଏ। ଅମଲାତନ୍ତ୍ରୀ ଭାବେ ୩୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ହାସଲ କରିଥିବା ସୁପ୍ରିୟା ସାର୍ବଜନୀନ ଜୀବନରେ ଭାରତର ସମୃଦ୍ଧ ଜୈବବିବିଧତା ପ୍ରତି ବିଶେଷ ଆକର୍ଷିତ ହୋଇଛନ୍ତି।

ପ୍ଲାଷ୍ଟିକ୍ ଆବର୍ଜନା ଖାଉଥିବା ପଶୁଙ୍କୁ ଦେଖି ଆମ ଗ୍ରହ କିଭଳି ଦିନକୁ ଦିନ ଶ୍ୱାସରୁଦ୍ଧ ହୋଇଯାଉଛି, ତାହା ସୁପ୍ରିୟା ଅନୁଭବ କରିଛନ୍ତି। ନୀଳଗିରିର ଜିଲାପାଳ ଥିବା ସମୟରେ ଏହି ଦୃଶ୍ୟ ବାରମ୍ବାର ଦେଖିବା ପରେ ପରିବେଶ ସଚେତନତା ପ୍ରତି ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲା ବୋଲି ସେ କହିଥାଆନ୍ତି। ଜାତିସଂଘ ପକ୍ଷରୁ କୁହାଯାଇଛି ଯେ, ତାମିଲନାଡୁରେ ନିରନ୍ତର ଜଳବାୟୁ କାର୍ଯ୍ୟ, ପରିସଂସ୍ଥାନର ପୁନରୁଦ୍ଧାର ଏବଂ ସସ୍‌ଟେନେବଲ କୁଲିଂ ଇନୋଭେଶନ୍ସର ସ୍କେଲିଂରେ ତାଙ୍କର ଯୁଗାନ୍ତକାରୀ ନେତୃତ୍ୱ ତାଙ୍କୁ ପରିବେଶ ଓ ଜଳବାୟୁ ନୀତି ନିର୍ଦ୍ଧାରକ ଭାବେ ସ୍ୱୀକୃତି ଦେଇଛି। ତାଙ୍କର କାର୍ଯ୍ୟ ଅନେକ ଲକ୍ଷ ଗ୍ରୀନ ଜବ୍ସ ସୃଷ୍ଟି କରିବା ସହ ତାମିଲନାଡୁକୁ ବିଜ୍ଞାନ ଆଧାରିତ, ସମ୍ପ୍ରଦାୟ ପରିଚାଳିତ ଜଳବାୟୁ ସହନଶୀଳତାର ଏକ ମଡେଲ ରାଜ୍ୟ ଭାବେ ସ୍ଥାପନ କରିଛି। ସବୁଜଗୃହ ବାଷ୍ପ ହ୍ରାସ କରି ଶକ୍ତି ଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ସୁପ୍ରିୟାଙ୍କ ପଦକ୍ଷେପ ଜଙ୍ଗଲ ଆଚ୍ଛାଦନ ବଢ଼ାଇଛି ଏବଂ ପ୍ରାୟ ୧ କୋଟି ୨୦ ଲକ୍ଷ ଲୋକଙ୍କ ଜୀବନରେ ଉନ୍ନତି ଆଣିପାରିଥିବା କୁହାଯାଉଛି। ୨୦୦୦ ମସିହାରେ ସେ ନୀଳଗିରିରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ନିର୍ମୂଳ ଲକ୍ଷ୍ୟରେ 'ଅପରେସନ ବ୍ଲୁ ମାଉଣ୍ଟେନ୍' ଅଭିଯାନ ଆରମ୍ଭ କରିଥିଲେ। ପରେ ତାହା ଜନଆନ୍ଦୋଳନରେ ପରିଣତ ହୋଇଥିଲା। ଇତିମଧ୍ୟରେ ସେ 'ତାମିଲନାଡୁ ଗ୍ରୀନ୍ କ୍ଲାଇମେଟ କମ୍ପାନୀ' ବ୍ୟବସ୍ଥା କରିଛନ୍ତି। ଏହା ଅଣ–ଲାଭଦାୟକ ସଂସ୍ଥା ଭାବେ ଉପକୂଳ ସ୍ଥାୟିତ୍ୱ ବଜାୟ ରଖିବା ଦିଗରେ ଧ୍ୟାନ କେନ୍ଦ୍ରିତ କରି ସହରାଞ୍ଚଳ ତାପମାତ୍ରା ହ୍ରାସ ଓ ଥଣ୍ଡା ପରିବେଶ ଚାହିଦାକୁ ବୃଦ୍ଧି କରିବା ପାଇଁ ଅଭିପ୍ରେତ। ସେଭଳି ପ୍ରକଳ୍ପକୁ ସୁପ୍ରିୟା ପ୍ରୋତ୍ସାହନ ଦେଉଛନ୍ତି। ସେ ତାମିଲନାଡୁରେ ୧୦ କୋଟିରୁ ଅଧିକ ଚାରାରୋପଣ ଏବଂ ୬୫ଟି ନୂଆ ରିଜର୍ଭ ଫରେଷ୍ଟ ସୃଷ୍ଟି କରିବା ପ୍ରୟାସର ନେତୃତ୍ୱ ନେଇଛନ୍ତି। ରାଜ୍ୟରେ ହେନ୍ତାଳବଣ ଆଚ୍ଛାଦନ ଦୁଇଗୁଣିତ ହେବା, ୱେଟଲ୍ୟାଣ୍ଡ୍ ସଂଖ୍ୟା ୧ରୁ ୨୦କୁ ବଢ଼ିବା ଏବଂ ୬୦ ମିଲିୟନ ଡଲାରର ବିଲୁପ୍ତପ୍ରାୟ ପ୍ରଜାତିର ସଂରକ୍ଷଣ ପାଣ୍ଠି ଗଠନ ତାଙ୍କ ପରିବେଶୀୟ ନେତୃତ୍ୱର ସଫଳ ପରାକାଷ୍ଠା।

ବାସ୍ତବରେ ଜଣେ ଅମଲାତନ୍ତ୍ରୀ ଚାହିଁଲେ ପରିବେଶ ହେଉ ବା ସମାଜରେ କେତେ ବଡ଼ ପରିବର୍ତ୍ତନ ଆଣିପାରିବେ, ସୁପ୍ରିୟା ହେଉଛନ୍ତି ତାହାର ଶ୍ରେଷ୍ଠ ଦୃଷ୍ଟାନ୍ତ।

– ଜିତେନ୍ଦ୍ର କୁମାର ନାୟକ

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୭୬

- ଦେଶର ସର୍ବମୋଟ ୬୦ଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଯିବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଉତ୍ତର ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଲକ୍ଷ୍ମୀଶଙ୍କର ଯାଦବଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରେ ଯୋଗଦାନ।
- କେରଳର ପରିବହନ ଓ ଅବକାରୀ ମନ୍ତ୍ରୀ କେ.ଏମ୍. ଜର୍ଜଙ୍କ ୫୭ବର୍ଷ ବୟସରେ ପରଲୋକ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | 8 | | | 4 | |
| | | | | | | | 7 | 9 |
| | | | 4 | 6 | | | | 8 |
| 5 | | | | | | | | |
| 1 | 2 | 8 | | 9 | | | | |
| | 9 | 6 | 5 | | 4 | | | |
| | | 3 | | | | | | |
| 6 | | | | | 5 | | 2 | |
| | | | | 2 | 1 | | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 7 | 1 | 5 | 3 | 8 | 9 | 6 |
| 6 | 5 | 3 | 4 | 8 | 9 | 1 | 2 | 7 |
| 1 | 8 | 9 | 7 | 6 | 2 | 5 | 3 | 4 |
| 8 | 7 | 1 | 5 | 3 | 4 | 9 | 6 | 2 |
| 5 | 2 | 6 | 9 | 7 | 8 | 4 | 1 | 3 |
| 3 | 9 | 4 | 2 | 1 | 6 | 7 | 8 | 5 |
| 9 | 3 | 2 | 8 | 4 | 7 | 6 | 5 | 1 |
| 7 | 1 | 8 | 6 | 2 | 5 | 3 | 4 | 9 |
| 4 | 6 | 5 | 3 | 9 | 1 | 2 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀ ପୋଲିସର ଅଭିଯାନ ସ୍ୱାଗତଯୋଗ୍ୟ

ମହାଶୟ,

ପୁରୀ ସହର ସମେତ ଜିଲାର ଶିକ୍ଷାତ୍ମକ ପରିବେଶକୁ ସୁରକ୍ଷିତ ଓ ଅଶ୍ଳୀଳତା ଅନାଚାରମୁକ୍ତ କରିବା ପାଇଁ ପୁରୀ ଏସ୍‌ପି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଥାନାଧିକାରୀ ଜିଲାର ସବୁ କଲେଜ, ସ୍କୁଲ ଓ ଶିକ୍ଷା ସଂସ୍ଥାନ ଚତୁର୍ଦ୍ଦିଗରେ ବ୍ୟାପକ ଚାପାମାରି ଅଭିଯାନ ଚଳାଇବାକୁ ଏଥିରେ କୁହାଯାଇଛି। ଏହାକୁ ବୁଦ୍ଧିଜୀବୀ, ଚିନ୍ତାଶୀଳ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ସ୍ୱାଗତ କରିଛନ୍ତି। ବିଶେଷତଃ ଛାତ୍ରୀମାନଙ୍କ ଉପରେ ଅନାଚାର ଭାବେ ହାରାସମେଣ୍ଟ, ରୋଡ୍‌ରେ ରୋମିଓ ଆଚରଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପୋଲିସର ବ୍ୟାପକ ବ୍ୟବସ୍ଥା କରାଯାଇଛି। ଝିଅମାନଙ୍କ ଉପରେ ଅନାଚାର କିମ୍ବା ଅସମ୍ମାନ ଆଚରଣକୁ ଶୂନ୍ୟ ସହନ ଯୋଗ୍ୟତା ନୀତିରେ ଦେଖାଯିବ। ସମସ୍ତ ଥାନା ଅଧିକାରୀ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରତିଦିନ ସକାଳେ ଶିକ୍ଷାନୁଷ୍ଠାନ ଯିବା ଓ ଆସିବା ବେଳେ ପୋଲିସ ପାଟ୍ରୋଲିଂ କରାଯିବା ସଙ୍ଗେ ସଙ୍ଗେ ତତ୍‌କ୍ଷଣାତ୍ ଆଇନ କାର୍ଯ୍ୟକାରୀ ହେବ। ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅନାଚାର ଘଟଣା (ଆଚରଣ) ଦେଖିଲେ ୧୧୨ରେ କଲ୍ କିମ୍ବା ନିକଟସ୍ଥ ପୋଲିସ ଥାନାକୁ ଜଣାଇବାକୁ ଅନୁରୋଧ କରାଯାଇଛି।

– ଦେବଭକ୍ତ ମିଶ୍ର ବରିଷ୍ଠ ନାଗରିକ, ସାକ୍ଷୀଗୋପାଳ, ପୁରୀ

## ଚିରନ୍ତନୀ

ନ କହିବି ତୋତେ ଏ ପଥର ପରିଣାମ
ବିୟୋଗର ଗୀତ, ବିଧାତାର ଗତି ବାମ,
କରତଳେ ତୋର ଫୁଟିଉଠୁ ଶତଦଳ
ଲୋଟିପଡୁ ତୋର କଟିରେ ଚିକୁରଦାମ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସାମୂହିକ ଶକ୍ତି ସଞ୍ଚୟକୁ ଗୁରୁତ୍ୱ

## ଆଜି 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ'



ଶକ୍ତି ହିଁ ସମ୍ବଳ। ଶକ୍ତିର ସଦୁପଯୋଗ କରିପାରିଲେ ଏହା ପ୍ରଗତି ଏବଂ ପ୍ରକୃତିର ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ। ତେଣୁ ଶକ୍ତି ସଂରକ୍ଷଣ ଏବଂ ଏହାର ସଦୁପଯୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୧୪କୁ 'ଜାତୀୟ ଶକ୍ତି ସଂରକ୍ଷଣ ଦିବସ' ଭାବେ ପାଳନ କରାଯାଉଛି। ଭାରତ ସରକାରଙ୍କ ବ୍ୟୁରୋ ଅଫ୍ ଏନର୍ଜି ଇଫିସିଏନ୍ସି (ବିଇଇ) ଦ୍ୱାରା ୧୯୯୧ ଡିସେମ୍ବର ୧୪ରେ ପ୍ରଥମ ଥର ଏହି ଦିବସ ପାଳନ କରାଯାଇଥିଲା। ପରେ ୨୦୦୧ରେ ଶକ୍ତି ସଂରକ୍ଷଣ ଅଧିନିୟମ (ଏନର୍ଜି କଞ୍ଜରଭେଶନ୍ ଆକ୍ଟ) ଲାଗୁ ହୋଇଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ସ୍ଥାୟୀ ଶକ୍ତି ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ଆଗକୁ ବଢ଼ାଇବା'। ବର୍ତ୍ତମାନ ସମୟରେ ପ୍ରତ୍ୟେକ କାର୍ଯ୍ୟରେ ଶକ୍ତି ବା ଏନର୍ଜିର ବ୍ୟବହାର ହେଉଛି। ତେବେ ଅଧିକାଂଶ ସମୟରେ ଶକ୍ତିର ଅପବ୍ୟବହାର ହେଉଥିବାବେଳେ ଏହା ଆମର ଭବିଷ୍ୟତ ପିଢ଼ି ପାଇଁ ସଙ୍କଟ ଟାଣି ଆଣୁଛି। ତେଣୁ ସାମୂହିକ ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ଦିବସରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଦେଶର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରାଯିବା ସହିତ ଗ୍ଲୋବାଲ ୱାର୍ମିଂ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା କ୍ଷେତ୍ରରେ ଶକ୍ତି ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ।

–ବନ୍ଦନା ସେଠୀ

# ଜନପ୍ରତିନିଧିଙ୍କ ୩ ଗୁଣା ଦରମା ବୃଦ୍ଧି ରାଜ୍ୟକୁ ନିନ୍ଦିତ କରିଛି: ସ୍ମୃତି

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

ଓଡ଼ିଶାକୁ ଗରିବ ରାଜ୍ୟ ଦର୍ଶାଇ କେନ୍ଦ୍ର ସରକାରଙ୍କ ନିକଟରେ ସ୍ୱତନ୍ତ୍ର ପ୍ୟାକେଜ ଦାବି କରାଯାଇଆସୁଛି। ତେବେ ମନ୍ତ୍ରୀ, ବିଧାୟକମାନଙ୍କ ୩ଗୁଣା ଦରମା ବୃଦ୍ଧି ସହ ପେନ୍‌ସନ ବାବଦରେ ଲକ୍ଷାଧିକ ଟଙ୍କା ବରାଦ କରିବା ରାଜ୍ୟକୁ ନିନ୍ଦିତ କରିଛି ବୋଲି ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି।

ସାମ୍ବାଦିକ ଭବନଠାରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଭାଜପା ସରକାର ଶାସନକୁ ଆସିବା ପରେ ଏହାର ପ୍ରତିନିଧି ଓ କର୍ମକର୍ତ୍ତାମାନେ ନିଜକୁ ଜନ ସେବକ ବୋଲି ପ୍ରଚାର କଲେ। କିନ୍ତୁ ଜନତାଙ୍କ ପ୍ରତିନିଧି ଭାବେ ଜନସେବା ପାଇଁ ନିର୍ବାଚିତ ହେଉଥିବା ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିରୋଧୀଦଳ ନେତା, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ ଓ ବିଧାୟକମାନେ ସେହି ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥରେ ନିଜର ଦରମା ୩ ଗୁଣା ବୃଦ୍ଧିକରି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରିବା ନିମନ୍ତେ ବିଧେୟକ ପାରିତକରିବା ନିନ୍ଦନୀୟ।

# ପୂର୍ବୋଦୟ ଦେଶର ଅଭିବୃଦ୍ଧି ପଥକୁ ପରିଭାଷିତ କରିବ: ରାଜ୍ୟପାଳ

ଭୁବନେଶ୍ୱର,୧୩।୧୨ (ସୁଚିସ୍ମିତା ସାହୁ)

## ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତ ଅଭିବୃଦ୍ଧି ପଥକୁ ପରିଭାଷିତ କରିବ ଏବଂ ଓଡ଼ିଶାର ପ୍ରଗତି ସମଗ୍ର ଅଞ୍ଚଳର ବିକାଶରେ ଏକ ନୂତନ ପର୍ଯ୍ୟାୟକୁ ପ୍ରଜ୍ୱଳିତ କରିବ। ଏହି କାର୍ଯ୍ୟକ୍ରମ କେବଳ ଏକ ଶିକ୍ଷାଗତ କିମ୍ବା ନୀତିଗତ ମଞ୍ଚ ନୁହେଁ, ଭାରତର କ୍ରମ ବିକଶିତ ଆକାଂକ୍ଷା, ସଭ୍ୟତାଗତ ଆତ୍ମବିଶ୍ୱାସ ଏବଂ ପୂର୍ବ ଭାରତର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି।

ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନ୍ତର୍ଜାତୀୟ ସମ୍ମିଳନୀ 'ପୂର୍ବୋଦୟ ଦୃଷ୍ଟିକୋଣ –୨୦୨୫'କୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ପୂର୍ବ ଭାରତ ଏକଦା ସମୃଦ୍ଧିର ଆଲୋକବର୍ତ୍ତିକା ଥିଲା। ଏହା ସମୃଦ୍ଧ ବନ୍ଦର, ବ୍ୟାପକ ବାଣିଜ୍ୟ ନେଟ୍‌ୱର୍କ, ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ଏବଂ ସାଧବ ଗୋଷ୍ଠୀ ପାଇଁ ଗର୍ବ କରୁଥିଲା। କିନ୍ତୁ ସମୟ ସହିତ ଐତିହାସିକ ବାଧା, ଦୀର୍ଘକାଳ ଧରି ଅବହେଳା ଏବଂ ଭିତ୍ତିଭୂମିଗତ ପ୍ରତିବନ୍ଧକ ଏହି ଅଞ୍ଚଳକୁ ପଛରେ ପକାଇ ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ଏକ ଐତିହାସିକ ମୋଡ଼ରେ ପହଞ୍ଚିଛି। ପୂର୍ବୋଦୟ ମିଶନର ଶୁଭାରମ୍ଭ ଏହି ସ୍ୱୀକୃତିକୁ ପ୍ରତିଫଳିତ କରେ ଯେ ପୂର୍ବ ଭାରତର ଉତ୍ଥାନ କେବଳ ଏହି ଅଞ୍ଚଳ ପାଇଁ ନୁହେଁ, ବରଂ ଦେଶର ସାମଗ୍ରିକ ପ୍ରଗତି ସହିତ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନର ଦୃଷ୍ଟିକୋଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ପୂର୍ବୋଦୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଭୂମିକା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିବା ସହ ରାଜ୍ୟର ଅନ୍ତର୍ନିହିତ ଶକ୍ତି, ପ୍ରଚୁର ପ୍ରାକୃତିକ ସମ୍ପଦ, ସୁଦୀର୍ଘ ଉପକୂଳ, ଦକ୍ଷ କର୍ମଚାରୀ, ସ୍ଥିର ଶାସନ ଢାଞ୍ଚା ଏବଂ ଦୃଢ଼ ଓ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ଉପରେ କହିଥିଲେ। ଓଡ଼ିଶାର ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ଯଥା– ସେମିକଣ୍ଡକ୍ଟର ଇକୋସିଷ୍ଟମରେ ପ୍ରବେଶ, ରେଳ, ବନ୍ଦର ଓ ବିମାନ ବନ୍ଦର ଭିତ୍ତିଭୂମିର ପ୍ରସାର, ସବୁଜ ହାଇଡ୍ରୋଜେନ ଜୋନ୍‌ର ବିକାଶ ସହିତ ବ୍ୟାପକ ଭାବେ ପର୍ଯ୍ୟଟନ ଏବଂ ଐତିହ୍ୟ ପ୍ରକଳ୍ପର ନିରନ୍ତର ଅଭିବୃଦ୍ଧି ବିକାଶର ପ୍ରମୁଖ ବାହକ ସାଜିଛି। ଏହି ସମ୍ମିଳନୀ ଭାରତର ପୂର୍ବାଞ୍ଚଳକୁ ଦକ୍ଷିଣ–ପୂର୍ବ ଏସିଆ ସହିତ ସଂଯୋଗ କରୁଥିବା ଅର୍ଥନୈତିକ କରିଡରକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ନୀତି ସୃଷ୍ଟି କରିବ, ଯାହା ସ୍ଥାୟୀ ଏବଂ ସମାବେଶୀ ଆଞ୍ଚଳିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ଦ ଏନର୍ଜି ଫୋରମ୍‌ର ପୁସ୍ତିକାଗୁଡ଼ିକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଡିଓ ଅଭିଭାଷଣ ପ୍ରଦର୍ଶିତ ହୋଇଥିଲା। ଫେଡେରାଲ ଡେମୋକ୍ରାଟିକ ରିପବ୍ଲିକ ଅଫ୍ ନେପାଳର ରାଷ୍ଟ୍ରଦୂତ ଡ. ଶଙ୍କର ପ୍ରସାଦ ଶର୍ମା ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ନୀତି ଯୋଜନା ଏବଂ ଗବେଷଣା) ଅପର୍ଣ୍ଣା ରାୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଦି ଏନର୍ଜି ଫୋରମର ଟ୍ରଷ୍ଟି ସିଦ୍ଧାର୍ଥ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ।

# ଗୟଳ ଆକ୍ରମଣରେ ଜଣେ ମୃତ



ମକରା ସରେନ

ନୀଳଗିରି,୧୩।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ କଇମହୁଡ଼ି ଗ୍ରାମରେ ଗୟଳ ଆକ୍ରମଣରେ ଶନିବାର ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। କୁଲଡ଼ିହା ପାଦଦେଶକୁ ଲାଗି ରହିଥିବା କଇମହୁଡ଼ି ଗ୍ରାମର ମକରା ସରେନ (୫୫) ଓ ଦୁର୍ଗା କାର୍ଯି (୨୭)ଙ୍କର ୫ଟି ଗୋରୁ ହଜିଯାଇଥିଲା। ଉଭୟ ପୂର୍ବାହ୍ନରେ ଗୋରୁ ଖୋଜିବାକୁ ଯାଇଥିଲେ। ଗାଁ ପାଖ କୁଲଡ଼ିହା ରେଞ୍ଜ କଇମହୁଡ଼ି ବିଟ ନିକଟ କାଶିଆଡ଼ାହିଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଉଭୟଙ୍କୁ ଅଚାନକ ଆକ୍ରମଣ କରିଥିଲା। ଗୟଳ ଆକ୍ରମଣରେ ମକରା ଗୁରୁତର ହୋଇଥିଲା ବେଳେ ଦୁର୍ଗା ସାମାନ୍ୟ ଆହତ ହୋଇ ପଳାଇଆସି ଗାଁରେ ଖବର ଦେଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ରକ୍ତ ଜୁଡୁବୁଡୁ ଓ ଗୁରୁତର ଅବସ୍ଥାରେ ମକରାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ଘରକୁ ଆଣି ୧୦୮ ଆମ୍ବୁଲାନ୍ସ ଯୋଗେ ଉଦଳା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ସନ୍ଧ୍ୟାରେ ଗାଁ ମଶାଣିରେ ମୃତଦେହ ସତ୍କାର ହୋଇଛି। ଅପରପକ୍ଷରେ ଦୁର୍ଗାଙ୍କୁ ବରହମପୁର ମେଡିକାଲକୁ ନେଇ ଚିକିତ୍ସା କରାଯାଇଥିଲା। ମକରାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ବାସିନ୍ଦା ସୁନାରାମ ସରେନ୍, ସୁରେଶ ନାୟକ, ରବୀନ୍ଦ୍ର ଗୁଡ୍ଡୁ, ଝୁନାରାମ ମାରାଣ୍ଡି ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ଫରେଷ୍ଟର ଅଜୟ କୁମାର ଜେନାଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା



ମୃତକଙ୍କ ପରିବାର ଓ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

କେନ୍ଦୁଝର,୧୩।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

## କିସ୍‌ରେ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱରଠାରେ ଅବସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍) ଛାତ୍ରାବାସରେ ରହି ପଢୁଥିବା ଆଦିବାସୀ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଶନିବାର ପୂର୍ବାହ୍ନ ୧୧ ଟାରେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ପରିବାର ଲୋକେ, ଗ୍ରାମବାସୀ ଧାରଣା ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ଆଲୋଚନା କରିବା ପରେ ପରିବାର ଲୋକେ ଅପରାହ୍ନ ପ୍ରାୟ ୧ଟାରେ ଧାରଣାରୁ ଉଠିଥିଲେ। ପରିବାର ପକ୍ଷରୁ ଟାଉନ ଥାନାରେ ହତ୍ୟା ଅଭିଯୋଗ କରିବା ସହ ନ୍ୟାୟ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଟିକରଗୁମୁରା ଗ୍ରାମର ରଘୁନାଥ ମୁଣ୍ଡାଙ୍କ ପୁଅ ଶିବ ମୁଣ୍ଡା ଭୁବନେଶ୍ୱରସ୍ଥିତ କିସ୍‌ରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ଶୁକ୍ରବାର ସକାଳେ କିସ୍ କର୍ତ୍ତୃପକ୍ଷ ଫୋନ କରି ପୁଅ ବାଥରୁମରେ ପଡ଼ିଯିବାରୁ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କହିଥିଲେ। ଖବର ପାଇବା ପରେ ରଘୁନାଥ ସଙ୍ଗେ ସଙ୍ଗେ ଭୁବନେଶ୍ୱର ଯାଇଥିଲେ। ହସ୍ପିଟାଲରେ ତାଙ୍କୁ ପୁଅର ମୃତଦେହ ହସ୍ତାନ୍ତର କରାଯାଇଥିଲା। ମାତ୍ର ମୃତଦେହ ବ୍ୟବଚ୍ଛେଦ ନ କରି ଏବଂ ମେଡିକାଲରେ ଚିକିତ୍ସା ସମ୍ପର୍କିତ କାଗଜ ନ ଦେଇ ପଠେଇ ଦିଆଯାଇଥିଲା। ମାତ୍ର ମୃତଦେହ ଆଣିବା ସମୟରେ ବେକ ଏବଂ ହାତରେ ରଶି ଦାଗ ଦେଖିଥିଲେ। ଫଳରେ ସନ୍ଦେହ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ମୃତଦେହ ଗାଁକୁ ଆଣି ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ରଖି ଅଧିକ ତଦନ୍ତ ଦାବି ସହ ୧ କୋଟି ଟଙ୍କା କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିବାର ଲୋକେ ଧାରଣାରେ ବସିଥିଲେ। ପୋଲିସ ସେମାନଙ୍କ ସହିତ ଆଲୋଚନା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିସ୍‌ର କର୍ତ୍ତୃପକ୍ଷଙ୍କୁ ଡକାଇ ଆଲୋଚନା କରାଯିବ ବୋଲି ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍‌ର ଧାରା ୧୦୬ ଓ ୭୫ ଜୁଭେନାଇଲ ଜଷ୍ଟିସ୍‌ରେ ମାମଲା ରୁଜୁ କରିଛି। ରେଡକ୍ରସ ପକ୍ଷରୁ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଜିରୋ ଏଫ୍‌ଆଇଆର୍(ନଂ.୪/୨୦୨୫)ରେ ମାମଲା ରୁଜୁ କରି ଇନ୍‌ଫୋସିଟି ଥାନା, ଭୁବନେଶ୍ୱରକୁ ପଠେଇ ଦିଆଯାଇଛି। ସେଠାରେ ଘଟଣା ଘଟିଥିବାରୁ କେସ୍ କରିବାକୁ ଦିଆଯାଇଛି।

# ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ବଙ୍ଗଳା–୨ରେ ରହିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

## ସୁରକ୍ଷା ବଳୟରେ ମୁତୟନ ହେବ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଣିକି ନୂଆଦିଲ୍ଲୀ ଗସ୍ତରେ ଗଲେ ଓଡ଼ିଶା ଭବନ କିମ୍ବା କୌଣସି ହୋଟେଲରେ ରହିବାକୁ ଆଉ ପଡ଼ିବ ନାହିଁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ବଙ୍ଗଳାର ବ୍ୟବସ୍ଥା କରାଯାଇଛି। ଏମିତିକି ଦିଲ୍ଲୀରେ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା–୨ରେ ସେ ତାଙ୍କ ସରକାରୀ ବାସଗୃହ ସହିତ ନିଜସ୍ୱ କାର୍ଯ୍ୟାଳୟ ସେଠାରୁ ଚଳାଇବେ। ରାଜ୍ୟ ସରକାରଙ୍କ କୋଟାର ଦୁଇଟି ସ୍ଲଟ୍ ବଦଳରେ ତାଙ୍କୁ ଏହି ବଙ୍ଗଳା ପ୍ରଦାନ କରାଯାଇଛି। ଏଥିଲାଗି ସାଧାରଣ ଲାଇସେନ୍ସ ଫି ପ୍ରଦାନ କରିବେ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୧ ତାରିଖରେ ରାଜ୍ୟ ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କୁ ଚିଠି କରାଯାଇଛି। ସେହି ଚିଠିରେ ଉଲ୍ଲେଖ କରାଯାଇଛି, ଚିଠି ଜାରିହେବାର ୮ ଦିନ ମଧ୍ୟରେ ଏହି ବଙ୍ଗଳା ଗ୍ରହଣ କରିବା ନେଇ କ୍ଲିୟରାନ୍ସ କର। ଜଣେ ଯୋଗ୍ୟ ପ୍ରତିନିଧିଙ୍କ ଜରିଆରେ ବଙ୍ଗଳାକୁ ଦଖଲକୁ ନେଇପାରିବେ। ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ଲାଇସେନ୍ସ ଫି ବାବଦ ଅର୍ଥ ରାଜ୍ୟ ସରକାର ପ୍ରଦାନ କରିବେ। ଯଦି ମୁଖ୍ୟମନ୍ତ୍ରୀ ଖାଲି କରିବାକୁ ଚାହିଁବେ ବା ଅବସର ନେଲେ ଏହି ବଙ୍ଗଳା ଆପେ ଆପେ ଜେନେରାଲ ପୁଲ୍ ଅଧୀନକୁ ଚାଲିଯିବ। ଏହାପରେ ରାଜ୍ୟ ସରକାର ନିଜ ଇଚ୍ଛାରେ ଏହି ବଙ୍ଗଳା ଅନ୍ୟ କାହାକୁ ପ୍ରଦାନ କରିପାରିବେ ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆଦିଲ୍ଲୀ ସ୍ଥିତ ବଙ୍ଗଳାର ସୁରକ୍ଷା ବ୍ୟବସ୍ଥା ନେଇ ଓଡ଼ିଶାର ଗୋଇନ୍ଦା ବିଭାଗ ପକ୍ଷରୁ ରାଜ୍ୟର ପୋଲିସ ମହାନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ରାଜ୍ୟ ଆବାସିକ କମିଶନରଙ୍କ ପାଖରୁ ହସ୍ତଗତ ହୋଇଥିବା ଚିଠି ମୁତାବକ ମୁଖ୍ୟମନ୍ତ୍ରୀଙ୍କୁ ତିନ୍‌ମୂର୍ତ୍ତି ଲେନ୍‌ର ବଙ୍ଗଳା–୨ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶନିବାର ଏହି ବଙ୍ଗଳା ଦଖଲକୁ ନେବେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ଆବଶ୍ୟକ ପୋଲିସ ଫୋର୍ସର ଆବଶ୍ୟକତା ନେଇ ଆବାସିକ କମିଶନର ଜଣାଇଛନ୍ତି। ଜଣେ କ୍ୟାମ୍ପ କମାଣ୍ଡରଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ପ୍ରଦାନ କରାଯାଉ। ପ୍ରତ୍ୟେକ ମାସରେ ଏହାକୁ ରୋଟେଶନ ବ୍ୟବସ୍ଥାରେ ଫୋର୍ସ ପରିବର୍ତ୍ତନ ହେବେ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ଭିଭିଆଇପି ବଙ୍ଗଳାର ଯଥାର୍ଥତା କ'ଣ ଅଛି: ବିଜେଡି

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

ନୂଆଦିଲ୍ଲୀର ତିନ୍‌ମୂର୍ତ୍ତି ଲେନ୍ ଠାରେ ବଙ୍ଗଳା–୨କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଇଁ ଆଲଟମେଣ୍ଟ କରାଯାଇଛି। ଏହା ସହ ଓଡ଼ିଶା ପୋଲିସର ଏକ ପ୍ଲାଟୁନ ଫୋର୍ସ ସୁରକ୍ଷା ବଳୟ ଭିତରେ ମୁତୟନ ରହିବେ। ଏହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ଗଠନହେବା ପରଠାରୁ ମୋହନ ମାଝୀ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀରେ ଭିଭିଆଇପି ବଙ୍ଗଳା ନେବାର ଯଥାର୍ଥତା କ'ଣ ରହିଛି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନେଇ ଓଡ଼ିଶା ଶାସନର ଡୋରି ସେଠାରେ ରଖିବାକୁ ଭାଜପା ଚାହୁଁଛି। ପ୍ରୋଟୋକଲ୍ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ସେଠିକା ପୋଲିସ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୋଲିସ ଉପରେ ଭରସା ନ କରି ରାଜ୍ୟ ତହବିଲରୁ ବିପୁଳ ଅର୍ଥ ବ୍ୟୟରେ ରାଜ୍ୟ ପୋଲିସ ଫୋର୍ସ ନେବାର ଯଥାର୍ଥତା କ'ଣ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# କୁଲଡ଼ିହା ଅଭୟାରଣ୍ୟରୁ ୩ ଶିକାରୀ ଗିରଫ, ୫ ଦେଶୀ ବନ୍ଧୁକ ଜବତ

ନୀଳଗିରି/ଔପଦା,୧୩।୧୨ (ପ୍ରଶାନ୍ତ ବିଶ୍ୱାଳ/ଧରିତ୍ରୀ ପଣ୍ଡା)



ଜବତ ବନ୍ଧୁକ ସହ ଗିରଫ ଅଭିଯୁକ୍ତ।

କୁଲଡିହା ବନବିଭାଗକୁ ପୁଣି ବଡ଼ ସଫଳତା। ଏଆଇ କ୍ୟାମେରା ସହାୟତାରେ ୩ଜଣ ଶିକାରୀଙ୍କ ପରିଚୟ ପାଇ ସେମାନଙ୍କୁ ଘରୁ ଉଠାଇ ଆଣିଛି ବନବିଭାଗ। ସେମାନଙ୍କ ନିକଟରୁ ୫ ଦେଶୀ ବନ୍ଧୁକ ଜବତ ହୋଇଛି। ସୂଚନା ଅନୁଯାୟୀ କିଛିଦିନ ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଯୋଡ଼ାଚୁଆ ଅଞ୍ଚଳରୁ ଏଆଇ କ୍ୟାମେରା ସହାୟତାରେ ୨ଜଣ ଶିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇଥିବା ବେଳେ ପୁଣି ଏହି କ୍ୟାମେରା ସାହାଯ୍ୟରେ ପୂର୍ବରୁ ଟ୍ରାପ୍ ହୋଇଥିବା ଚିତ୍ରକୁ ଆଧାର କରି ଶନିବାର ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୫ଟି ଦେଶୀବନ୍ଧୁକ ଜବତ କରିଛି। ଉଭୟ କୁଲଡ଼ିହା ଏବଂ ସୋର ବନବିଭାଗ କର୍ମଚାରୀ ଅଭୟାରଣ୍ୟରେ ପାଟ୍ରୋଲିଂ କରିବା ବେଳେ ଏଆଇ କ୍ୟାମେରା ଦ୍ୱାରା ଟ୍ରାପ୍ ହୋଇଥିବା ଚିତ୍ରକୁ ଆଧାର କରି ଔପଦା ଥାନା ଦରଖୋଲି ବେତେଇ ଗ୍ରାମର ଗୁରା ମୁଣ୍ଡା (୫୦), ଗେଡ଼େ ଦେଓଗାମ(୩୫), ବିକ୍ରମ ମୁଣ୍ଡା (୫୫)ଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ବନବିଭାଗ ସୂଚନା ଦେଇଛି।

# ଥଣ୍ଡାରେ ଥରୁଛି ଜି.ଉଦୟଗିରି

## ତାପମାତ୍ରା ରହିଛି ୩.୧ ଡିଗ୍ରୀ, ୨ ଦିନ ହେଲାଣି ହେଉଛି ତୁଷାରପାତ

ଜି.ଉଦୟଗିରି,୧୩।୧୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ହାଡ଼ଭଙ୍ଗା ଶୀତରେ ଥରୁଛି। ଥଣ୍ଡା ସହ କୋହଲା ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରତିଦିନ ପାରଦ ତଳମୁହାଁ ହେଉଥିବା ବେଳେ ୨ଦିନ ହେଲା ଜି.ଉଦୟଗିରିରେ ୩ ଡିଗ୍ରୀ ତାପମାତ୍ରା ରହୁଛି। ସହର ସହ ଆଭ୍ୟନ୍ତରୀଣ ଅଞ୍ଚଳରେ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଶନିବାର ସକାଳ ସୁଦ୍ଧା ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୧ ଡିଗ୍ରୀ ସେଲସିୟସ ରହିଥିବା ବେଳେ ସେମିଲିଗୁଡ଼ା ୪.୬, ଫୁଲବାଣୀ ୫.୫ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ ରହିଛି। ଅତ୍ୟଧିକ ଥଣ୍ଡା ଯୋଗୁ ସକାଳ ୧୦ଟାଯାଏ ଘରୁ ବାହାରିବା କଷ୍ଟକର ହେଉଛି। ଜି.ଉଦୟଗିରିରେ ବିଗତ ୮ ଦିନ ହେବ ୫ ଡିଗ୍ରୀ ତଳେ ତାପମାତ୍ରା ରହିଛି। ତେବେ ଶୀତର ମଜା ନେବାକୁ ଜିଲା ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଚାଲିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCBBSBGPL FLYOVER-eOT28, ତା.08.12.2025ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧା କାର୍ଯ୍ୟ ସହିତ ବାଘୁଆପାଳ ମଧ୍ୟରେ ଫ୍ଲାଇଓଭର ଲାଇନ ସମ୍ବନ୍ଧୀୟ ବାଘୁଆପାଳ ଷ୍ଟେସନରେ ସଂକେତ ଏବଂ ଦୂରଂସଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ନୂତନ ଡିଷ୍ଟ୍ରିବ୍ୟୁଟେଡ୍ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ର ସଂସ୍ଥାପନ ଓ ପ୍ରଚଳନ।"

ଆନୁମାନିକ ମୂଲ୍ୟ : ₹ 16,91,65,741/-, EMD : ₹ 9,95,800/-, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ।

ଇ-ଟେଣ୍ଡର ବନ୍ଦ/ଖୋଲାଯିବା ତାରିଖ ଓ ସମୟ : ତା.08.01.2026ରିଖ 1100 ଘଟିକାରେ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.ireps.gov.inରେ। ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ/ ନିର୍ମାଣ / ଭୁବନେଶ୍ୱର

PR-187/CI/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-KUR-525, ତା.05.12.2025ରିଖ

କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର SSES/ ସାଉଥ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ : ₹ 89,39,558.82, EMD : ₹ 1,78,800/-

ବିଡ୍ ଆରମ୍ଭ ହେବା ତାରିଖ : ତା.15.12.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.12.2025ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-895/Q/25-26

# ବିଜେଡି ଅଭିଯୋଗରେ ପାଲଟା ବର୍ଷିଲେ ଭାଜପା, କଂଗ୍ରେସ

ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

- ମହାନଦୀକୁ ହତ୍ୟା ଷଡ଼ଯନ୍ତ୍ରର ମୂକ ସାଥୀ କେନ୍ଦ୍ର ସରକାର: ପ୍ରସନ୍ନ
- ୨୨ରେ ବୈଠକ ପରେ ଯାହା କହିହେବ: ଜୟନାରାୟଣ
- ଚିଠିର ଉତ୍ତର ଦେଉ ନ ଥିଲା ବିଜେଡି, ଭାଜପା ସରକାରକୁ ଧନ୍ୟବାଦ: ନରସିଂହ

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ଏବେ ଜୋର୍ ଧରିବାରେ ଲାଗିଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟକରି କହିଛନ୍ତି, ମହାନଦୀ ପ୍ରସଙ୍ଗରେ ଆପୋସ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ ସ୍ପଷ୍ଟ କରାଯାଉ ନାହିଁ। ପ୍ରସନ୍ନଙ୍କ ମନ୍ତବ୍ୟ ଉପରେ ପାଲଟା ଟାର୍ଗେଟକରି ଭାଜପାର ବରିଷ୍ଠ ବିଧାୟକ ତଥା ମହାନଦୀ କମିଟି ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ୨୪ ବର୍ଷରେ ସମାଧାନ କଲେ ନାହିଁ, ଏବେ ସେମାନଙ୍କୁ ପରାମର୍ଶ ଦେଉଛନ୍ତି। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର ମଧ୍ୟ ପୂର୍ବ ସରକାରକୁ ଏହି ପ୍ରସଙ୍ଗରେ ଟାର୍ଗେଟକରି କହିଛନ୍ତି, ସେ ବିରୋଧୀ ଦଳ ନେତା ଥିବା ସମୟରେ ମହାନଦୀ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବା ଲାଗି ଚିଠି ଲେଖୁଥିଲେ ମଧ୍ୟ କିଛି ଉତ୍ତର ଆସୁ ନ ଥିଲା।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରସନ୍ନ କହିଛନ୍ତି, ମହାନଦୀ ହେଉଛି ଓଡ଼ିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଜୀବନ୍ତ ମହାନଦୀକୁ ହତ୍ୟାକରିବା ଲାଗି ଏକ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ସେହି ଷଡ଼ଯନ୍ତ୍ର ଆଜି ମଧ୍ୟ ଚାଲିଛି। ଏହି ଷଡ଼ଯନ୍ତ୍ରରେ ଭାରତ ସରକାର ମୂକ ସାଥୀ ସାଜିଛନ୍ତି। ସମସ୍ତ ବିଧିବିଧାନକୁ ବେଖାତିରକରି ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଥିବାବେଳେ କେନ୍ଦ୍ର ସରକାର ଶୁଣି ସାକ୍ଷୀ ମାତାଲ ଭଳି ନୀରବଦ୍ରଷ୍ଟା ସାଜିଛନ୍ତି। କେନ୍ଦ୍ର, ଛତିଶଗଡ଼ ଓ ଓଡ଼ିଶାରେ ବର୍ତ୍ତମାନ ଗୋଟିଏ ଦଳର ସରକାର ଥିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁ ଆକାଶ କଇଁଆ ଚିଲିକା ମାଛରେ ପରିଣତ ହୋଇଛି। ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି, କିନ୍ତୁ ଫଳ ଶୂନ। ବର୍ତ୍ତମାନ ରାଜ୍ୟ ସରକାର ଆପୋସ ସମାଧାନର ପ୍ରସ୍ତାବନା କରିଛନ୍ତି, ଓଡ଼ିଶାବାସୀ ଜାଣିବା ପାଇଁ ଚାହାନ୍ତି କି ଆଲୋଚନାର ସର୍ତ୍ତାବଳୀ କ'ଣ ରହିବ। ସରକାର ଟ୍ରିବ୍ୟୁନାଲରୁ ଓହରିଯିବାକୁ ଯୋଜନା କରୁନାହାନ୍ତି ତ। ରାଜ୍ୟ ସରକାର ଆପୋସ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଙ୍ଗଠନଗୁଡ଼ିକୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ ନା ନାହିଁ। ରାଜ୍ୟବାସୀ ଟ୍ରିପଲ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ସେ କହିଛନ୍ତି।

ଜୟନାରାୟଣ କହିଛନ୍ତି, ୨୪ ବର୍ଷ ସରକାରରେ ବିଜେଡି ମହାନଦୀ ପ୍ରସଙ୍ଗରେ ୨ କିମ୍ବା ୪ଟି କମିଟି କରିଥିଲା। ସେହି କମିଟି କ'ଣ ଅନୁସନ୍ଧାନ କଲା କି ରିପୋର୍ଟ ଦେଲା ତାକୁ ସାର୍ବଜନୀନ କରାଗଲା ନା ନାହିଁ ତାହା ହେଉଛି ମୂଳ ପ୍ରଶ୍ନ। ଯେଉଁ ମହାନଦୀ କମିଟି ସରକାର ଗଠନ କରିଛନ୍ତି ତା'ର ବୈଠକ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ହେବାକୁ ସ୍ଥିର ହୋଇଛି। ବିଜେଡି ସରକାର ୨୪ ବର୍ଷରେ ମହାନଦୀ କଥାରେ କ'ଣ କରିଛନ୍ତି ଜାଣିଲେଣି, ସେଥିଲାଗି ସେମାନଙ୍କୁ ସବୁ ଆକାଶ କଇଁଆ ଚିଲିକା ମାଛ ଭଳି ଲାଗୁଛି। ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା କଥା ସେମାନେ ୨୦ ବର୍ଷ କାଳ ଜାଣିପାରିଲେ ନାହିଁ। ବିଜେଡି କଥାର ଗୁରୁତ୍ୱ କିଛି ନାହିଁ। ବିଜେଡି ଯଦି କିଛି କରିଥାଆନ୍ତା ତେବେ ଉପଦେଶ ଦେଇଥିଲେ ଚଳିଥାଆନ୍ତା ବୋଲି ଜୟନାରାୟଣ କହିଛନ୍ତି।

ନରସିଂହ କହିଛନ୍ତି, ମହାନଦୀ ପ୍ରସଙ୍ଗରେ ବିରୋଧୀ ଦଳ ନେତା ଥିବାବେଳେ ସର୍ବଦଳୀୟ ବୈଠକ ଡାକିବା ଲାଗି ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ କୌଣସି ଉତ୍ତର ମିଳୁ ନ ଥିଲା। ଏବେ ବିଜେଡି ଯେଉଁ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉଛି ତା'ର ଲାଭ କ'ଣ ଅଛି। ସେହି ସମୟରେ ନବୀନ ପଟ୍ଟନାୟକ କହିଥିଲେ, ଅଣମୌସୁମୀ ସମୟରେ ହୀରାକୁଦକୁ ଯେତିକି ପାଣି ଆସିବା କଥା ଆସୁଛି, ତା'ର ଉତ୍ତର ଏମାନେ ଆଗ ଦିଅନ୍ତୁ। ସରକାର ସର୍ବଦଳୀୟ ବୈଠକ ଡାକିଲେ ସେଠିକି ପ୍ରସନ୍ନ ପ୍ରଥମେ ଯାଆନ୍ତୁ, ସେଠାରେ ନିଜର ମତାମତ ରଖନ୍ତୁ। ଯଦି ସରକାର କିଛି ନ କରିବେ ତା'ପରେ ଗଣମାଧ୍ୟମରେ କିଛି କୁହନ୍ତୁ। ଏବେର ସରକାରଙ୍କୁ ଧନ୍ୟବାଦ ଦେବା କଥା କାରଣ ସେମାନେ ଅନ୍ତତଃ ସର୍ବଦଳୀୟ କମିଟି କରିଛନ୍ତି ବୋଲି ନରସିଂହ କହିଛନ୍ତି।

No.T-115

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା15/12/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0210/2526

# ପାନୀୟ ଜଳ ପାଇଁ ରାସ୍ତାରେ ଗ୍ରାମବାସୀ

## ନମୁନା ସଂଗ୍ରହ ହୋଇଥିବା ନଳକୂପ ସିଲ୍

**କାଳିଆପାଣି, ୧୩।୧୨ (ଅସିତ ମହାନ୍ତ):**

ସୁକିନ୍ଦା ବ୍ଲକ୍ ଅଧୀନ ରାଂଶୋଳ ପଞ୍ଚାୟତ ଭିମଟାଙ୍ଗର ଗ୍ରାମବାସୀ ପାନୀୟ ଜଳ ଯୋଗାଣ ଦାବିରେ ଶନିବାର ସକାଳେ ଭିମଟାଙ୍ଗର ଗାଁ ଛକଠାରେ ଟମକା-ମଙ୍ଗଳପୁର ରାସ୍ତା ଅବରୋଧ କରିଛନ୍ତି। ପୂର୍ବାହ୍ନ ୧୧ଟାରେ କାଳିଆପାଣି ପୋଲିସ ପହଞ୍ଚି ଜିଲା ପ୍ରଶାସନ ସହ ଆଲୋଚନା କରି ବନ୍ଦ ଥିବା ନଳକୂପକୁ ତୁରନ୍ତ ଖୋଲିବା କିମ୍ବା ଅନ୍ୟ ଉପାୟ କରି ଜଳ ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି।

ଅଞ୍ଚଳରେ ଭୂତଳ ଜଳ ଦୂଷିତ ହୋଇଯାଇଛି। ଫଳରେ ଅଧିକାଂଶ ଲୋକ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଖଣି ସଂଲଗ୍ନ ଗାଁ ଭିମଟାଙ୍ଗରରେ ଥିବା ସମସ୍ତ ଗଭୀର ନଳକୂପ, ବୋର୍ ହୋଲକୁ ସିଲ କରାଯାଇଛି। ଫଳରେ ଗାଁର ୧୦୦ ପରିବାର ପାନୀୟ ଜଳ ପାଇଁ ତହଳବିକଳ ହେଉଛନ୍ତି। ଏନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ପ୍ରଶାସନ ଅଭିଯୋଗ ପ୍ରତି ଅଣଦେଖା କରିବାରୁ ଗ୍ରାମବାସୀ ଦେକଚି, କଡ଼େଇ, ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କରିଥିଲେ।


ଗରା, ବାଲ୍‌ଟି ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ଅନ୍ୟପକ୍ଷରେ ଖଣିଖନନ ଯୋଗୁ କମ୍ପାନୀଗୁଡ଼ିକ କ୍ରୋମାଇଟ ଉତ୍ତୋଳନ କରି ଏଥିରୁ ନିର୍ଗତ ବିଷାକ୍ତ ପଦାର୍ଥକୁ ନିକଟବର୍ତ୍ତୀ ନାଳ, ବଣଜଙ୍ଗଲ ଏବଂ କୁଅ ପୋଖରୀରେ ଛାଡି ଦେଉଛନ୍ତି। ଏହି କାରଣରୁ ଅଞ୍ଚଳର ଭୂତଳ ଜଳଜହର ପାଲଟୁଛି। ଏହି ପ୍ରଭାବିତ ଗାଁଗୁଡ଼ିକରେ ଖୋଲା କୁଅ ଓ ନଳକୂପର ପାଣି ମଧ୍ୟ ଅନୁପଯୋଗ ହୋଇଯାଇଛି। ଅନ୍ୟ ଉପାୟ ନ ପାଇ ବାଧ ହୋଇ ସେହି ଜଳକୁ ଲୋକେ ବ୍ୟବହାର କରୁଛନ୍ତି।

ଗତ ମାସରେ ସୁକିନ୍ଦା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କେତେଜଣ ଅଧିକାରୀ ଖଣି ଅଞ୍ଚଳର ବିଭିନ୍ନ ଗାଁକୁ ଯାଇ ଅନେକ ନଳକୂପର ପାଣି ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଥିଲେ। ତେବେ ଯେଉଁ ଦୁଇଟି ଗାଁର ନଳକୂପର ପାଣିକୁ ନମୁନା ସଂଗ୍ରହ କରିଥିଲେ ସେହି ନଳକୂପଗୁଡିକୁ ସିଲ କରାଯାଇଛି। ଭିମଟାଙ୍ଗର ଗାଁର ଆଠଟି ନଳକୂପକୁ ଅଚଳ କରି ଚାଲିଯିବାପରେ ଗାଁଲୋକେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପରେ ପାଣି କେବେ ଆସୁଛି ତ କେବେ ଆସୁଛି ନାହିଁ। ଏମିତିରେ ଗାଁ ଲୋକେ ବଞ୍ଚିବେ କିପରି ବୋଲି ଗାଁର ସଚେତନ ନାଗରିକ ହୃଷୀକେଶ ମହାନ୍ତ, ଦାମୋଦର ମହାନ୍ତ, ରମେଶ ମହାନ୍ତ, କାଳିଆ ମହାନ୍ତ, ଲିଙ୍ଗରାଜ ମହାନ୍ତ ଓ ବୁଲୁ ମହାନ୍ତ ପ୍ରମୁଖ ପ୍ରଶ୍ନ କରିଛନ୍ତି।

# ଯାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର ଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୪୩୬ ମୋକଦ୍ଦମା ଫଇସଲା କରାଯାଇଛି। ସେଥିମଧ୍ୟରୁ ୬୩୯ ଫୌଜଦାରୀ, ୧୭ ମୋଟର ଦୁର୍ଘଟଣାଜନିତ, ୬୪ ଦେୱାନୀ, ୧୪ ପାରିବାରିକ କଳହ ଏବଂ ରାଜସ୍ୱ ବିଭାଗର ୫୭୦୨ ମାମଲା ଫଇସଲା କରାଯାଇ ମୋଟ ୮,୧୬,୦୪,୧୨୨ ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୭୬, ବିଦ୍ୟୁତ ବିଭାଗର ୧୫୭, ସ୍ଥାୟୀ ଲୋକ ଅଦାଲତର ୩ ଏବଂ ଟେଲିଫୋନ ସମ୍ବନ୍ଧୀୟ ୧୩ ପ୍ରାକ-ବିଚାରାଧୀନ ମାମଲା ଫଇସଲା କରାଯାଇ ୪୧,୫୫,୭୪୬ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତକୁ ଜିଲା ଓ ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ। ଯାଜପୁର ଜିଲା ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତ ସିଂହାର, ଅତିରିକ୍ତ ଜିଲାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟ ପ୍ରକାଶ ରାୟ ଚୌଧୁରୀ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେୱାନୀ ବିଚାରପତି (ଏଲଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଏସଡି ଜେଏମ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ, ଜେଏମଏଫସି(ଏଲଆର ଏବଂ ଏଲଟିଭି), ଅଂଶୁମାନ ରଥ, ଜେଏମଏଫସି ବୀଣାପାଣି ତାଣ୍ଡି ଅଂଶ ଗ୍ରହଣ କରି ବିଭିନ୍ନ ମାମଲାର ବିଚାର କରିଥିଲେ। ଯାଜପୁର ଜିଲା କାରାଗାର ଅନ୍ତେବାସୀଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରି କରାଯାଇଥିଲା।

# ଭାଜପାରେ ମିଶିଲେ ବିଜେଡିର ଛାମୁଆ କର୍ମୀ

**ଚଣ୍ଡିଖୋଲ, ୧୩।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ ସ୍ଥିତ ବଡ଼ଚଣା ବ୍ଲକ୍ ଭାଜପା କାର୍ଯ୍ୟାଳୟ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଅମର ନାୟକଙ୍କ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତର ଜିଲା ବିଜେଡି କାର୍ଯ୍ୟକାରିଣୀ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ରଞ୍ଜିତ ବଳସାମନ୍ତ, ଗଗନ ବିହାରୀ ବଳସାମନ୍ତ, ସୁନିଲ ବଳସାମନ୍ତ, ଦୀପକ ମିଶ୍ର, ଟୁନା ଦଳେଇ, ନଗମ ଦଳେଇ, ନିତ୍ୟାନନ୍ଦ ବଳ, ରଞ୍ଜିତ ନାୟକ, ନିରଞ୍ଜନ ପୃଷ୍ଟି, ଗୁଲୁ ପଣ୍ଡା, କାଳନ୍ଦୀ ଦଳେଇ, ଗୋଲଖ ଦଳେଇ ଓ ଗୋଲଖ ସାମଲଙ୍କ ସମେତ ପଞ୍ଚାୟତର ବହୁ ବିଜେଡି ଛାମୁଆ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ବ୍ଲକ୍ ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦସଭ୍ୟ ଅରବିନ୍ଦ ସାମଲ, ମାନଗୋବିନ୍ଦ ରାଉତ, ପର୍ଶୁରାମ ଦାସ, ବିଚିତ୍ର ପୃଷ୍ଟି, ମନୋଜ ରାୟ, ଆଦିତ୍ୟ ବଳସାମନ୍ତ, ବଙ୍ଗୁ ରାଉତ, ଭାଗବତ ଦାସ ଓ ସର୍ବେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

**ଦଶରଥପୁର, ୧୩।୧୨ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅଧୀନ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ଶ୍ରୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତାଭାବେ ଶିକ୍ଷାବିତ ଧନଞ୍ଜୟ କେଶରୀ ରାଉତରାୟ, ସମ୍ମାନିତ ଅତିଥିଭାବେ ଏବିଇଓ ସାବିତ୍ରୀ ସେଠୀ, ଶିକ୍ଷାବିତ ବୈକୁଣ୍ଠ ନାଥ ପରିଡ଼ା, ଦିଗାମ୍ବର ସାହୁ, ସୁରେନ୍ଦ୍ର ମୁଦୁଲି, ସାରଦାକାନ୍ତ ମହାପାତ୍ର, ଶିଶିର ଶତପଥୀ, ବିପିନ ରାୟ, ଖବରଦାତା ଚନ୍ଦ୍ର ଶେଖର ସାହୁ, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ପ୍ରାୟ ୨୧ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଅଧାପକ ପ୍ରଦୀପ୍ତ ଦାସ,ସାହିତ୍ୟିକ ହରେରାମ ପଣ୍ଡା, ଶିକ୍ଷାବିତ ସନାତନ ନାୟକ, କବି ସରସ୍ୱତୀ ପଣ୍ଡା, କବି ଚିନ୍ମୟ ଦାସ, ସାହିତ୍ୟିକ ସୁତେଶ ପାତ୍ର, କଳାକାର ମାଷ୍ଟର ମିହିର କୁମାର, କଣ୍ଠଶିଳ୍ପୀ ସାଇଶ୍ରୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଦିଲୀପ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ନିଜ ଅଭିଭାଷଣ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଉଦ୍‌ଘାଟକ ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ଏମସି ମେମ୍ବର କୈଳାଶ ଚନ୍ଦ୍ର ମଲ୍ଲିକ, ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ମମତା ମିଶ୍ର, କାର୍ଯ୍ୟକାରୀ ସଭ୍ୟ ସୀତାରାମ ପାଢ଼ୀ, ଏମସି ଚେୟାର ପର୍ସନ ରାଜେଶ ବିଶ୍ୱାଳ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ, ହରିଶ ମହାରଣା, ଅଶୋକ ନାୟକ, ଶରତ ଚନ୍ଦ୍ର ସାହୁ, କର୍ମଚାରୀ କଳ୍ପତରୁ ରାଉତ, ବ୍ରଜକିଶୋର ବେହେରାଙ୍କ ସମେତ ଓଷ୍ଟାର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।



ଶିଶୁ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ଏନ୍‌ସି ହାଇସ୍କୁଲ ପଡ଼ିଆରୁ ଜବରଦଖଲ ଉଚ୍ଛେଦ


ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ମୁତୟନ ପୋଲିସ ଫୋର୍ସ।


ପଡ଼ିଆରେ ନିର୍ମାଣ ହୋଇଥିବା ଘରକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି।

**ଯାଜପୁରରୋଡ୍, ୧୩।୧୨ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରସ୍ଥିତ ନୃସିଂହ ଚରଣ (ଏନ୍‌ସି) ହାଇସ୍କୁଲ ଖେଳ ପଡ଼ିଆରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି।

ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟ ଜମିକୁ ଜବରଦଖଲକାରୀ ନିଜ ଦଖଲରେ ରଖିଥିଲେ। ସେମାନେ ସେଠାରେ ଘର କରି ରହିବା ସହ ବିଭିନ୍ନ ପ୍ରକାର ନିଶା ଓ ଆପରାଧିକ କାର୍ଯ୍ୟ ଚଳାଇ ବିଦ୍ୟାଳୟର ବାତାବରଣକୁ ନଷ୍ଟ କରୁଥିଲେ। ଘର ଭଡ଼ା ଦେଇ ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲା। ଏସମ୍ପର୍କରେ ବିଦ୍ୟାଳୟ କମିଟି ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଆସିଥିଲା। ପ୍ରଶାସନ ତରଫରୁ ବାରମ୍ବାର ନୋଟିସ କରାଯାଉଥିଲେ ମଧ୍ୟ କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ ବାହୁ ଛାୟା ତଳେ ରହି ଜବର ଦଖଲକାରୀ ସରକାରୀ ଆଦେଶକୁ ଅମାନ୍ୟ କରିଆସୁଥିଲେ।

ଏହାପରେ ପ୍ରଶାସନ ପକ୍ଷରୁ ଏକ ସପ୍ତାହ ମଧ୍ୟରେ ଉକ୍ତ ଜବରଦଖଲକାରୀଙ୍କୁ ଜାଗା ଖାଲି କରିବାକୁ ନିର୍ଦ୍ଦେଶ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଜବର ଦଖଲକାରୀ ଜାଗା ଖାଲି ନ କରିବାରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଫୋର୍ସଙ୍କ ଉପସ୍ଥିତରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ଯୋଗୁ ବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ପାଣ୍ଠି ସବୁ ଫେରି ଯାଉଥିଲା।

ଉଚ୍ଛେଦ କାର୍ଯ୍ୟରେ କଳିଙ୍ଗନଗର ଅତିରିକ୍ତ ଏସପି ସୁପ୍ରସେନ ମଲ୍ଲିକ, ଏସ୍‌ଡିପିଓ ଲକ୍ଷ୍ମୀଧର ନାୟକ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ଡିଏସ୍‌ପି ରତ୍ନାକର ଗିରି, ଡିଏସ୍‌ପି ଶଙ୍କର୍ଷଣ ଦଳାଇ, ଯାଜପୁରରୋଡ୍ ଥାନାଧିକାରୀ ଆଶିଷ ସାହୁ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଟମକା ଥାନାଧିକାରୀ ପ୍ରମୋଦିନୀ ସାହୁ, ମଙ୍ଗଳପୁର ଥାନାଧିକାରୀ ଜଗଦୀଶ କର, ସୁକିନ୍ଦା ଥାନାଧିକାରୀ ବିଲ୍ୱମଙ୍ଗଳ ସେଠୀ, ଜେନାପୁର ଥାନାଧିକାରୀ ଶଶିଭୂଷଣ ପରିଡ଼ାଙ୍କ ସହ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସମସ୍ତ ତହସିଲର ଆର୍‌ଆଇ, କର୍ମଚାରୀ ଓ ବିଦ୍ୟୁତ୍ ବିଭାଗ ପ୍ରମୁଖ ଅଧିକାରୀଙ୍କ ସମେତ ହାଇସ୍କୁଲର ପୂରାତନ ଛାତ୍ର ସମୂହ ଉପସ୍ଥିତ ରହିଥିଲେ। ଥଇଥାନ କରା ନ ଯାଇ ଶୀତକାକରରେ ଉଚ୍ଛେଦ ନିଷ୍ପତ୍ତିକୁ ଜବରଦଖଲକାରୀ ବିରୋଧ କରିଥିଲେ।

# ବିଜେଡିରୁ ନିଲମ୍ବନ ହେଲେ କୃପାସିନ୍ଧୁ

**ଚଣ୍ଡିଖୋଲ, ୧୩।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବଡ଼ଚଣା ବ୍ଲକ୍ ଅଧୀନ କୁନ୍ଦଳ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ବିଜେଡି ସଭାପତି କୃପାସିନ୍ଧୁ ମହାରଣା ନିଲମ୍ବିତ ହୋଇଛନ୍ତି। କୃପାସିନ୍ଧୁ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ପରଠାରୁ କୃପାସିନ୍ଧୁ ଦଳୀୟ ବିଶୃଙ୍ଖଳା କାର୍ଯ୍ୟ କରି ଚାଲିଥିଲେ। ଏନେଇ ଅଭିଯୋଗ ହେବାପରେ ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ କୃପାସିନ୍ଧୁଙ୍କୁ ନିଲମ୍ବିତ କରିଥିବା ଏକ ପ୍ରେସ ନୋଟ୍‌ରେ ଜଣାଇଛନ୍ତି।

# ରୋଗୀ ହୋଇ ଆସି ଲୁଟ୍ କରୁଥିବା ମହିଳା ଗିରଫ


ସିସି ଟିଭିରେ କଏଦ ହୋଇଥିବା ମହିଳା।

**ଯାଜପୁର ଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ରୋଗୀ ବେଶରେ ଆସି ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ମୋବାଇଲ ଏବଂ ମନିପର୍ସ ଲୁଟ୍ କରୁଛନ୍ତି। ଚିକିତ୍ସାଳୟ ସିସିଟିଭି ଫୁଟେଜ୍‌ରେ ଏ ଦୃଶ୍ୟ କଏଦ୍ ହୋଇଛି। ଏହାପରେ ସମ୍ପୃକ୍ତ ମହିଳାଙ୍କୁ ମେଡିକାଲ ଫାଣ୍ଡି ଅଧିକାରୀ ଗିରଫ କରି ଶନିବାର କୋର୍ଟଚାଲାଣ କରିଛନ୍ତି। ସମ୍ପୃକ୍ତ ମହିଳା ଜଣକ କୋରେଇ ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ନିରୁପମା ବଳ(୪୮) ବୋଲି ଜଣାପଡ଼ିଛି। ମହିଳା ଜଣକ ଡାକ୍ତର ଦେଖାଇବାକୁ ଆସି ମୋବାଇଲ ଓ ପନିପର୍ସ ଚୋରି କରିନେଉଛନ୍ତି। ପରେ ପନିପର୍ସରୁ ପଇସା କାଢି ପର୍ସକୁ ଡଷ୍ଟପିନ୍‌ରେ ଫିଙ୍ଗିଦେଇ ଚାଲିଯାଉଥିବା ଦେଖିବାକୁ ମିଳିଛି। ମହିଳା ଜଣକ ବାରମ୍ବାର ଏପରି କରୁଥିବା ଜଣାପଡ଼ିବା ପରେ ଫାଣ୍ଡି ଅଧିକାରୀ ତାଙ୍କୁ କାବୁ କରିଥିଲେ।

# ବରୀ ଲୋକ ମହୋତ୍ସବର ଚତୁର୍ଥ ଦିବସରେ ଖବରଦାତାଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥି ଓ ଖବରଦାତା।

**ବରୀ, ୧୩।୧୨ (ମହେନ୍ଦ୍ର ସ୍ୱାଇଁ):**

ବରୀ ଲୋକ ମହୋତ୍ସବ ଶନିବାର ଚତୁର୍ଥ ଦିବସରେ ପହଞ୍ଚିଛି। ଏହି ଅବସରରେ ବରୀ ଅଞ୍ଚଳର ଖବରଦାତାଙ୍କୁ ବରୀ କଳା, ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ଖବରଦାତାମାନେ ହେଲେ ରାଜକିଶୋର ପଣ୍ଡା, ସଞ୍ଜୟ ବେହେରା, ପ୍ରଶାନ୍ତ ଦ୍ୱିବେଦୀ, ଦର୍ଶନୀ ବେହେରା, ସତ୍ୟଜିତ ବାରିକ, ସ୍ନେହାଂଶୁ ମହାନ୍ତି, ଅଜୟ ଜେନା, ରାଜକୁମାର ମହାନ୍ତି, ବିଶ୍ୱଭୂଷଣ ଜେନା, ପ୍ରଶାନ୍ତ କବି, ଅରବିନ୍ଦ ରାଉତ, ସନ୍ତୋଷ ରାଉତ, ଅରୁଣ ବେହେରା, ସୁରେଶ କର। ଏହି କାର୍ଯ୍ୟକ୍ରମରେ ସୁବାସ ଚନ୍ଦ୍ର ବିଶ୍ୱାଳ, ବିଜୟ କୁମାର ଦାସ, ସତ୍ୟରଞ୍ଜନ କର, ଶରତ ଚନ୍ଦ୍ର ଜେନା, ଗିରିଶ ମିଶ୍ର, ପ୍ରଶାନ୍ତ ପଢ଼ିହାରୀ ଓ ସୋମନାଥ ଦ୍ୱିବେଦୀଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲୋକକଳା ପ୍ରୋତ୍ସାହନ ଉତ୍ସ ହେଉ ମହୋତ୍ସବ ମଞ୍ଚ

## ୧୮ତମ କୁଆଖିଆ ମହୋତ୍ସବ ପ୍ରସ୍ତୁତି ବୈଠକ

**ରସୁଲପୁର, ୧୩।୧୨ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳର ୭୧ତମ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହି ଅବସରରେ ୧୮ତମ କୁଆଖିଆ ମହୋତ୍ସବ ୨୪ତାରିଖରୁ ଆରମ୍ଭ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଶିଶିର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କୁଆଖିଆ ମହୋତ୍ସବ ମଞ୍ଚ ଲୋକକଳାକୁ ପ୍ରୋତ୍ସାହନର ଉତ୍ସ ହେଉ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ବିଧାୟକଦ୍ୱୟ ପ୍ରତିଶ୍ରୁତି ଦେଇଥିଲେ।



ବୈଠକରେ ଉପସ୍ଥିତ ୨ ବିଧାୟକ, ମହୋତ୍ସବ କମିଟି କର୍ମକର୍ତ୍ତା ଓ ପୋଲିସ ଅଧିକାରୀ।

ବୈଠକରେ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ ଯୋଗଦେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, କମିଟିର ମହାସଚିବ ଅରୁଣ ସାହୁ, ସମ୍ପାଦକ ସନ୍ତୋଷ ରାଉତ, ଉପସଭାପତି ଦିଲୀପ ସାମଲ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ଧର୍ମଶାଳା ବିଧାୟକଙ୍କ ପ୍ରତିନିଧି ତୀର୍ଥବାସୀ ପଣ୍ଡା, ଯାଜପୁର ଏମ୍‌ପିଙ୍କ ପ୍ରତିନିଧି ଲକ୍ଷ୍ମୀଧର ପତି, ଶଶିଭୂଷଣ ସାହୁ, ସମିତିସଭ୍ୟ ନରୋତ୍ତମ ସାହୁ, ରସୁଲପୁର ବ୍ଲକ ପ୍ରୋଗ୍ରାମ ପରିଚାଳିକା ସୁପ୍ରଭା ଜେନା, କୁଆଖିଆ ଥାନା ଆଇଆଇସି ଜ୍ୟୋତିରଞ୍ଜନ ମହାପାତ୍ର, ଏଏସଆଇ ମନୋଜ ପରିଡ଼ା, ରସୁଲପୁର ଅଗ୍ନିଶମ ଅଧିକାରୀ ପ୍ରସନ୍ନ ପରିଜା, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଚିତ୍ତରଞ୍ଜନ ନାୟକ, ଟାଟା ପାୱାର କୁଆଖିଆ ସେକ୍ସନ ଯନ୍ତ୍ରୀ ଚିତ୍ତରଞ୍ଜନ ଭୁୟାଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ମହୋତ୍ସବ ପଡ଼ିଆରେ ପଲ୍ଲିଶ୍ରୀ ମେଳା ଜରିଆରେ ବିଭିନ୍ନ ହସ୍ତକଳା ପ୍ରଦର୍ଶନୀ ହେବ। ମହୋତ୍ସବ ମଞ୍ଚରେ ଗ୍ରାମାଞ୍ଚଳ କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ରାଜ୍ୟ ଓ ବାହାର ରାଜ୍ୟର ଲୋକକଳା ଅଧାରିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବା ସହ ସେମାନଙ୍କୁ ସମ୍ମାନିତ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଛି। ମହୋତ୍ସବ ପଡ଼ିଆରେ ବିଭିନ୍ନ ଦୋଳି, ମୀନାବଜାର, ମ୍ୟାଜିକ ଶୋ, ଚାଟ୍, ଗୁପଚୁପ୍, ବାରମଜା ଆଦି ଦୋକାନ ଖୋଲିବ। ଭିଡ଼ ନିୟନ୍ତ୍ରଣ ସହ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ମହୋତ୍ସବ ପଡ଼ିଆରେ ସିସିଟିଭି କ୍ୟାମରା ସଂଯୋଗ କରାଯିବ। ପ୍ରବେଶ ଓ ପ୍ରସ୍ଥାନ ପଥକୁ ପୃଥକ କରାଯିବା ଆଦି ନାନା ବିଷୟରେ ଆଲୋଚନା କରାଯାଇ ନକ୍ସା ପ୍ରସ୍ତୁତ କରାଯାଇଛି।

ବୈଠକରେ କମିଟିର କାର୍ଯ୍ୟକର୍ତ୍ତା ଦେବକାନ୍ତ ନାୟକ, ଦିଲୀପ ଦାସ, ଗଦାଧର ଦାଶ, ଶଶାଂକ ଶେଖର ରାଉତ, ପ୍ରଶାନ୍ତ ପରିଡା, ପ୍ରସନ୍ନ ରଥ, ଉମେଶ ସାହୁ, ବନୋଜ ବିଶ୍ୱାଳ, ବିପିନ ବିହାରୀ ପଣ୍ଡା, ଯୁବନେତା ଦୁଷ୍ମନ୍ତ ମଲିକ, ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ ଯୋଗଦେଇ ସହଯୋଗ କରିଥିଲେ। କମିଟି କୋଷାଧ୍ୟକ୍ଷ ଉମେଶ ପଲେଇ ଧନ୍ୟବାଦ ଦେଇଥିଲେ।

## ପ୍ରତିଶ୍ରୁତିରେ ରହିଯାଇଛି ଶିଳ୍ପ, ବନ୍ଦର ନିର୍ମାଣ

# ମେଡିକାଲ କଲେଜ ସ୍ଥାପନକୁ ନେଇ ଏବେ ବି ଆଶଙ୍କା

- ଜଳ ପରିଚାଳନା କୃଷି ଭିତ୍ତିଭୂମି ନଷ୍ଟ କରୁଛି
- ରାଜନେତା, ପ୍ରଶାସକଙ୍କ ମଧ୍ୟରେ ନାହିଁ ସମନ୍ୱୟ

କେନ୍ଦ୍ରାପଡ଼ା, ୧୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଖଡାଶାଳୀ ଗ୍ରାମ ନିକଟ ମହାନଦୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ। ପ୍ରଥମ ପର୍ଯ୍ୟାୟ ନିର୍ମାଣରେ ୨୧୧୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଅନ୍ୟୁନ ୧୫ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପାଇବେ । ୨୦୧୮ ଡିସେମ୍ବର ୮ରେ କେନ୍ଦ୍ରାପଡ଼ା ଜିଲା ଗସ୍ତ ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଥିଲେ । ଇତିମଧ୍ୟରେ ଏହି ଘୋଷଣାକୁ ୬ ବର୍ଷ ବିତିଛି। କେବଳ ଏହି ବନ୍ଦର ନୁହେଁ, ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଜିଲା ଅନ୍ତର୍ଗତ ବରୁଣେଇଠାରେ ବନ୍ଦର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ସେହିପରି ଜିଲାରେ ପାୱାର ଥର୍ମାଲ ପ୍ଲାଣ୍ଟଠାରୁ ଆରମ୍ଭ କରି ଷ୍ଟିଲ ପ୍ଲାଣ୍ଟ ପର୍ଯ୍ୟନ୍ତ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ଗୋଟିଏ ହେଲେ ପୂରଣ ହୋଇନି । ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ନେଇ ଜିଲାବାସୀ ହନ୍ତସନ୍ତ ହେଉଛନ୍ତି । ଏପରିକି ଜାହାଜ ନିର୍ମାଣ କାରଖାନା ଆଶା ମଉଳିଯାଉଛି । ବହୁ ଦାବି ଓ ଆନ୍ଦୋଳନ ପରେ ଗତ ବିଧାନସଭାରେ ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଦେଉଥିବା ସୂଚନା ମିଳିଛି । ତେବେ ଏହାର ପ୍ରାଥମିକ ପ୍ରକ୍ରିୟା ପ୍ରକଳ୍ପ ସମ୍ପର୍କରେ ତର୍ଜମା ହୋଇନାହିଁ । ପ୍ରଶାସନର ଏପରି ନୀରବତା ଯୋଗୁ ମେଡିକାଲ କଲେଜ ସ୍ଥାପନା ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ କଲେଣି । ଜଳ ପରିଚାଳନା କୃଷି ଓ କୃଷକଙ୍କ ସ୍ୱପ୍ନକୁ ଧୂଳିସାତ କରୁଛି । ଗତ ସାଧାରଣ ନିର୍ବାଚନରେ ରାଜ୍ୟ ସରକାର ବଦଳି ଥିବା ବେଳେ ଜିଲା ରାଜନୀତିରେ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। ଏଥିସହିତ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ନ ଥିବାରୁ ଏହି ଜିଲା ପଛୁଆ ଉନ୍ନୟନ କ୍ଷେତ୍ରରେ ରହୁଥିବା ଆଲୋଚନା ଆରମ୍ଭ ହୋଇଗଲାଣି ।




ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ ରାଜେଶ କୁମାର ବେହେରା, ଚିତ୍ତରଞ୍ଜନ ସାହୁ, ନଳିନୀକାନ୍ତ ବେହେରା, ନୀହାର ରଞ୍ଜନ ପରିଡ଼ା ଓ କମଳାକାନ୍ତ ଦାଶ ପ୍ରମୁଖ କହିଛନ୍ତି, ଜିଲାର ଲୋକସମ୍ବଳ ବିନିଯୋଗ ପାଇଁ ରାଜନେତା ଓ ପ୍ରଶାସକଙ୍କ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ । ଜିଲାର ଅର୍ଥନୀତି ବୃଦ୍ଧି ପାଇଁ ଏମାନଙ୍କ ସମନ୍ୱୟ ଜରୁରୀ ହୋଇପଡିଛି । ଗତ ସାଧାରଣ ନିର୍ବାଚନ ସରିବା ପରେ ଇତିମଧ୍ୟରେ ୪ଟି ବିଧାନସଭା ଆହୂତ ହୋଇ ସାରିଲାଣି । ବିଜେଡିର କେନ୍ଦ୍ରାପଡା, ପାଟକୁରା ଓ ରାଜନଗର ବିଧାୟକ ଜିଲା ସମସ୍ୟାକୁ ଗତ ବିଧାନସଭା ଗୃହରେ ଉଠାଇଛନ୍ତି । ମାତ୍ର ଶାସକ ଭାଜପା ସରକାର ମଧ୍ୟ ପୂର୍ବ ପରି ପ୍ରତିଶ୍ରୁତିରେ ସୀମିତ ରଖିଛନ୍ତି । ଶାସନରେ ଥିବା ଭାଜପାର ମହାକାଳପଡା ବିଧାୟକ ଏନେଇ ସ୍ୱର ଉଠାଇଥିଲେ ମଧ୍ୟ କୌଣସି ପ୍ରକଳ୍ପର ସାକାର ଭିତ୍ତିଭୂମି ରଖିନାହାନ୍ତି। ଏପରିକି ବହୁ ଚର୍ଚ୍ଚିତ ଶ୍ରୀ ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ ବାସ୍ତୁଶାସ୍ତ୍ରରେ ପରିଣତ ହୋଇଛି । ଜିଲାର ଚାଷୀ କ୍ଷେତକୁ ଜଳସେଚନ ଓ ନିଷ୍କାସନ ନେଇ ଚିନ୍ତାରେ ଅଛନ୍ତି । କେନାଲ ନବୀକରଣ ହେଉ କିମ୍ବା ଉପକୂଳ କେନାଲ ଖୋଲାଯାଇ ମଧୁର ଜଳ ସଂରକ୍ଷଣ ପାଇଁ କୌଣସି ତତ୍ପରତା ନାହିଁ । ଅଧ୍ୟାତ୍ମ ଓ ପରିବେଶ ସମ୍ପର୍କିତ ପର୍ଯ୍ୟଟନ ପାଇଁ ପ୍ରଚୁର ଭିତ୍ତିଭୂମି ଅଛି । ଏହାର ଉନ୍ନତୀକରଣ ହେଉ ନ ଥିବାରୁ ଜିଲାର ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକ ଆସୁନାହାନ୍ତି । ବନ୍ୟା ଓ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସହ୍ୟ କରୁଥିବା ଏହି ଜିଲାବାସୀ ପଡୋଶୀ ଶିଳ୍ପ ପ୍ରଦୂଷଣର ଶିକାର ହେଉଛି । ମାତ୍ର ଯୁବବର୍ଗଙ୍କୁ ସେଠାରେ କର୍ମନିଯୁକ୍ତି ମିଳୁ ନ ଥିବାରୁ ଦାଦନ ସମସ୍ୟା ବଢ଼ିଯାଇଛି । ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ ଓ ପାନୀୟ ଜଳ ଆଦି ସମସ୍ୟା ଏବେ ଜିଲାରେ ଉତ୍କଟ ହେଲାଣି । ତେବେ ଏସବୁର ପ୍ରତିକାର ପାଇଁ ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ବୈଠକ ଓ ଯୋଜନା ସମ୍ପର୍କରେ କୌଣସି ସୁଖବର ନାହିଁ, ଯାହା ଜିଲାବାସୀଙ୍କୁ ନିରାଶ କରିଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

## ଲୋକ ଅଦାଲତରେ ୩,୫୪୬ ମାମଲା ଫଇସଲା




ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ମାମଲା ଶୁଣୁଛନ୍ତି।

କେନ୍ଦ୍ରାପଡ଼ା, ୧୩।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩,୫୪୬ ମାମଲାର ଫଇସଲା ହୋଇ ୩,୧୫,୩୮,୧୭୧ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି । ଏହି ଲୋକ ଅଦାଲତରେ ମୋଟ ୮୫୪୪ ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ଚେକ୍ ବାଉନ୍ସ ୫୫ଟି ମାମଲାର ସମାଧାନ ହୋଇଥିଲା । ସେହିପରି ଟଙ୍କା ପୁନରୁଦ୍ଧାର, ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ମାମଲା, ରାଜସ୍ୱ ମାମଲା ଆଦିର ଶୁଣାଣି ସହ ପ୍ରାକ୍‌ମକଦ୍ଦମାସ୍ତରୀୟ ବିବାଦର ସମାଧାନ ହୋଇଥିଲା । ଏହି ମାମଲାଗୁଡ଼ିକୁ ଜିଲା ଜଜ୍ ଗୁଣାନିଧି ମହାନ୍ତି, ପରିବାର ଅଦାଲତ ଜଜ୍ ଦେବାଶିଷ ପଣ୍ଡା, ଏଡିଜେ ପ୍ରଜ୍ଞା ପାରମିତା ରାଉଳ, ସିଜେଏମ୍ ସରିତା ମହାନ୍ତି, ଡିଏଲ୍ଏ ସମ୍ପାଦକ ସନ୍ତୋଷ କୁମାର ମହାପାତ୍ରଙ୍କ ସହ ଜିଲାର ବିଭିନ୍ନ କୋର୍ଟରେ ଥିବା ଜଜ୍ ପ୍ରମୁଖ ବିଚାର କରିଥିଲେ।

## ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଆଳି, ୧୩।୧୨ (ବନମାଳି ସେନାପତି)

ଆଳି ଭୂଇଁପୁର ରାସ୍ତାରେ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହୋଇ ଜଣେ ଯୁବକ ଓ ଯୁବତୀ ଗୁରୁତର ହୋଇଥିବା ଜଣାପଡିଛି। ରାଣୀ ପୋଖରୀ ଗ୍ରାମର ମନମୋହନ ମଲ୍ଲିକ ଭୂଇଁପୁର ପଟରୁ ଆଳି ଆଡ଼କୁ ବାଇକ୍ ନେଇ ଆସୁଥିବା ବେଳେ ଆଳି ପଟରୁ ଭୂଇଁପୁର ଆଡ଼କୁ ସ୍କୁଟି ନେଇ ଅମ୍ରିତା ନାୟକ ତାଙ୍କ ଭାଇଙ୍କ ସହ ଯାଉଥିବା ବେଳେ ଧକ୍କା ହୋଇଥିଲା । ଦୁର୍ଘଟଣାରେ ଯୁବକ ଯୁବତୀମାନେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ସେମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

## ଭଲ ରାସ୍ତାରେ ପିଚୁ ଛିଞ୍ଚି ଅର୍ଥ ହରିଲୁଟ ମସୁଧା

### ଗ୍ରାମବାସୀଙ୍କ ବିରୋଧ ପରେ ବଦଳିଲା କାମର ସ୍ଥାନ



ଗ୍ରାମବାସୀ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଆଳି, ୧୩।୧୨ (ବନମାଳୀ ସେନାପତି)

ଆଳି ବ୍ଲକ ବାଳକାଟି ପଞ୍ଚାୟତ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାରୁ ରାଣୀପୋଖରୀ ନିକଟରୁ ବାଳକାଟି ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ରାସ୍ତା ଦୀର୍ଘ ଦିନ ହେବ ବିପର୍ଯ୍ୟସ୍ତ ହୋଇପଡିଛି । ଏହା ଆନନ୍ଦବଜାରଠାରୁ ବାଳକାଟି ପଞ୍ଚାୟତ ରାସ୍ତା ଖାଲ ଖମାରେ ପୂର୍ଣ୍ଣ ହୋଇଛି। ଏହି ରାସ୍ତାରେ ବାଳକାଟି ହାଇସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ରହିଛି । ପ୍ରତିଦିନ ଛାତ୍ରୀଛାତ୍ରମାନେ ସ୍କୁଲ ଗଲାବେଳେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ମରାମତି ନିମନ୍ତେ ଆଳି ପୂର୍ତ୍ତ ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । କାମ ନେଇଥିବା ଠିକାଦାର ଯେଉଁ ସ୍ଥାନରେ ମରାମତି ଆବଶ୍ୟକ ସେହି ସ୍ଥାନରେ ପିଚୁ ନ କରି ପୋଲ ନିକଟରୁ ପଞ୍ଚାୟତ ପର୍ଯ୍ୟନ୍ତ ଥିବା ଭଲ ରାସ୍ତାରେ ପିଚୁ ଛିଞ୍ଚି କାମ କରୁଥିବା ବେଳେ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ । ମରାମତି ବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀ କିମ୍ବା ଅନ୍ୟ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା । ଘଟଣାସ୍ଥଳରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା ପହଞ୍ଚି କାମ ଦେଖିବା ପରେ ଗ୍ରାମବାସୀ ଯେଉଁ ସ୍ଥାନରେ ମରାମତି ଦାବି କରିଥିଲେ ସେହି ସ୍ଥାନ ଦେଖିଥିଲେ । ପରେ ଯେଉଁ ସ୍ଥାନରେ ମରାମତି ହେଉଥିଲା ସେଠାରେ ଅଳ୍ପ କାମ କରି ପଞ୍ଚାୟତ ନିକଟରୁ ଆନନ୍ଦବଜାର ପର୍ଯ୍ୟନ୍ତ ମରାମତି କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରୁ ଖରାପ ଥିବା ରାସ୍ତା ମରାମତି କରାଯିବ । ଆଗାମୀ ଦିନରେ ଏହି ରାସ୍ତାକୁ ଭଲ ଭାବେ ମରାମତି କରାଯିବ ବୋଲି ସେ କହିଛନ୍ତି।

## କବି ବିଜୟ ରାୟ ପାଇବେ ଜୟ ରାଷ୍ଟ୍ର କବିତା ସମ୍ମାନ

କେନ୍ଦ୍ରାପଡ଼ା, ୧୩।୧୨ (ଜଗନ୍ନାଥ ଧଳ)



ଆସନ୍ତା ୨୧ ତାରିଖରେ ଜୟରାଷ୍ଟ୍ର ସଙ୍ଗଠନ ପକ୍ଷରୁ ରାଷ୍ଟ୍ରବାଦୀ କବିତା ମହୋତ୍ସବ କେନ୍ଦ୍ରାପଡ଼ା ସହର ତିନିମୁହାଣୀସ୍ଥିତ ହୋଟେଲ ଗୌରୀଶଙ୍କରରେ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ କବି ବିଜୟ ରାୟଙ୍କୁ ଜୟ ରାଷ୍ଟ୍ର କବିତା ସମ୍ମାନ ଦିଆଯିବ ବୋଲି ଜୟରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଯାଜପୁର ଜିଲା ଦଶରଥପୁର ବ୍ଲକ କୁଆଁରପୁର ଗ୍ରାମରେ କବି ବିଜୟଙ୍କ ଘର। ତାଙ୍କର ଅନନ୍ୟ ସାହିତ୍ୟ କୃତି ପାଇଁ ସାରା ରାଜ୍ୟରେ ସେ ପ୍ରଶଂସାର ପାତ୍ର ହୋଇଛନ୍ତି। ରାଉରକେଲା ଗାନ୍ଧୀ ମହାବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଭାବେ ଅବସର ଗ୍ରହଣ କରିଥିବା କବି ରାୟଙ୍କ କବିତା ପୁସ୍ତକ କିଛି ପଚାରନା, ଅନ୍ଧ ନିଦ, ଦୃଶ୍ୟ ଭେଦ, ସ୍ୱପ୍ନ ମଲାଟ ଆଦି ପାଠକ ମହଲରେ ବେଶ୍ ଆଦୃତି ଲାଭ କରିଛି।

## ଶିଶୁ ଅଧିକାର, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଡେରାବିଶ, ୧୩।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳଙ୍କ ତତ୍ତ୍ୱାବଧାନରେ ଶନିବାର ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ସୁକନ୍ୟା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ସିଡିପିଓ ହରପ୍ରିୟା ଦେବୀ, ଏଲପିଓ ବିବେକାନନ୍ଦ ଅଚ୍ଚାବୁଦ୍ଧି, ଶିଶୁ ବିକାଶ ଯୋଜନା ପରିଚାଳିକା ମନୋରମା ଓଝା ଓ ରୁନୁ ଓଝା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଶଶୀଭୂଷଣ ଜେନା ଓ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ନାଟକ ପରିବେଷଣ କରାଯାଇଥିଲା । ଅଧ୍ୟାପକ ପ୍ରଦୀପ ରାଉତ, ଦିବ୍ୟ କୁମାର ଦାଶ, ପ୍ରତାପ କୁମାର ଜେନା, ଅଧ୍ୟାପିକା ଝରାଶ୍ରୀ ପରିଜା, ସ୍ମୃତି ଶ୍ରାବଣୀ, ଶାଶ୍ୱତୀ ପ୍ରଜ୍ଞା ସାହୁ ଓ ଲୋପାମୁଦ୍ରା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପିକା ମୀନାକ୍ଷୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜରିସାହି କ୍ଲଷ୍ଟରରେ ଆସ ସ୍କୁଲ ଯିବା ଅଭିଯାନ




ଶିକ୍ଷା ଶିବିରରେ ମଞ୍ଚାସୀନ ଅତିଥିମାନେ।

ରାଜକନିକା, ୧୩।୧୨ (ସଞ୍ଜୟ କୁମାର ଦାଶ)

ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକୁ ରାଜ୍ୟବ୍ୟାପୀ ଅଭିଯାନ ଚାଲିଛି। ଏହି କ୍ରମରେ ରାଜକନିକା ବ୍ଲକ୍ ଜରିସାହି ନୋଡାଲ ଉ.ପ୍ରା. ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷା ସଭା ଆସ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଖଗେଶ୍ୱର ପଡ଼ିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଏବିଇଓ କୈଳାସ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଆର୍‌ଏନ୍ ହାଇସ୍କୁଲର ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ଜରିସାହି ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମିତ କୁମାର ନାୟକ, ଅଯୋଧ୍ୟା ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନ, ଗିରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ବାରିକ ଏବଂ ଗଙ୍ଗାଧରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତିଲତା ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସିଆର୍‌ସିସି ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ବିଦ୍ୟାଳୟରୁ ଦୂରେଇ ଯାଇଥିବା ପିଲାମାନଙ୍କୁ କିପରି ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯିବ ଏବଂ ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ପିଲାମାନଙ୍କୁ କେଉଁ କେଉଁ ସୁବିଧା ଦିଆଯାଉଛି ସେ ସମ୍ପର୍କରେ କହିଥିଲେ। ଆର୍‌ଏନ୍ ହାଇସ୍କୁଲଠାରେ ଅବସ୍ଥିତ ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ୧୪ରୁ ୧୮ବର୍ଷର ପିଲାମାନେ ଅଧାରୁ ପାଠ ଛାଡିଛନ୍ତି, ସେମାନଙ୍କୁ ମାଗଣାରେ ନାମ ଲେଖାଇ ପରୀକ୍ଷା ଦେବାର ସୁଯୋଗ ସୃଷ୍ଟି କରାଯାଇଛି। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସଭ୍ୟାସଭ୍ୟ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କ ଅଭିଭାବକ, ଛାତ୍ରୀଛାତ୍ର ଏବଂ ପୁରାତନ ପିଲା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜରିସାହି ସ୍କୁଲ ଏବଂ ସୁଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ୨ ପରୀକ୍ଷା କେନ୍ଦ୍ରରେ ୩୪୭ ନବୋଦୟ ପରୀକ୍ଷାର୍ଥୀ

ମାର୍ଶାଘାଇ, ୧୩।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକର ୨ ପରୀକ୍ଷା କେନ୍ଦ୍ରରେ ୩୪୭ ଛାତ୍ରୀଛାତ୍ର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ମାର୍ଶାଘାଇ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୭୪ ଜଣ ପଞ୍ଜୀକରଣ କରିଥିଲା ବେଳେ ୧୧ ଅନୁପସ୍ଥିତ ଥିଲେ। ଶିଳିପୁର ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପରୀକ୍ଷା ପରିଚାଳନା କରିଥିବା ବେଳେ ପରୀକ୍ଷା କେନ୍ଦ୍ରସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ଏବିଇଓ ହିରଣ୍ୟ କୁମାର ବାରିକ ଯୋଗଦେଇଥିଲେ । ସେହିପରି ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୯୨ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୮ ଅନୁପସ୍ଥିତ ଥିଲେ ଏବଂ ୧୮୪ ଜଣ ପରୀକ୍ଷା ଦେଇଥିଲେ । ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ବେହେରା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିବା ବେଳେ ନବୋଦୟ ବିଦ୍ୟାଳୟର ଶିକ୍ଷକ ଗୌରୀଶଙ୍କର ସାହୁ ପରୀକ୍ଷା କେନ୍ଦ୍ର ସ୍ତରୀୟ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୧୨୦ ମାମଲାର ଫଇସଲା



ସିଭିଲ କୋର୍ଟ ପରିସରରେ ମାମଲାଗୁଡ଼ିକର ଶୁଣାଣି କରାଯାଉଛି।

ପଟ୍ଟାମୁଣ୍ଡାଇ ୧୩।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ତାଲୁକ୍ ଆଇନ ସେବା ସମିତି ଆନୁକୂଲ୍ୟରେ ଶନିବାର ସିଭିଲ କୋର୍ଟ ପରିସରରେ ଚଳିତ ବର୍ଷର ଶେଷ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାର ବିଭାଗୀୟ ଅଦାଲତରେ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ବିଦ୍ୟାଧର ପୃଷ୍ଟି ଏହାକୁ ଉଦ୍‌ଘାଟନ କରିବା ସହ ଅଦାଲତ ପରିଚାଳନା କରିଥିଲେ। ଏଡିଜେ ପୃଷ୍ଟି ଅଦାଲତରେ ସାଲିସ ଯୋଗ୍ୟ ଫୌଜଦାରୀ, ଚେକ୍ ବାଉନ୍ସ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ, ଶ୍ରମ ଓ ବିଦ୍ୟୁତ୍, ପାରିବାରିକ ଏବଂ ବୈବାହିକ, ଜମି ଅଧିଗ୍ରହଣ, ରାଜସ୍ୱ, ଖାଉଟି ବ୍ୟାପାର ଭଳି ବହୁ ଜନ ଉପଯୋଗୀ ମାମଲାର ବିଚାର ହୋଇଥିଲା। ବିଭିନ୍ନ ଅଦାଲତରେ ସମୁଦାୟ ୧୨୦ ମାମଲାର ଚୂଡାନ୍ତ ଫଇସଲା ଆପୋଷ ଆଲୋଚନା ମାଧ୍ୟମରେ ହୋଇଥିଲା। ମାମଲାଗୁଡ଼ିକରୁ ସମୁଦାୟ ୨୪ ଲକ୍ଷ ୪୧ ହଜାର ୫୦୦ ଟଙ୍କା ଜରିମାନା ଏବଂ ରାଜସ୍ୱ ଆଦାୟ ହେବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ଜଜ୍ ପୃଷ୍ଟିଙ୍କ ସହିତ ବେଞ୍ଚ ଲୟର ପ୍ରଫୁଲ୍ଲ ଦାଶ, ସବ ଜଜ୍ କୋର୍ଟରେ ସିନିଅର ସିଭିଲ ଜଜ୍ ଅପୂର୍ବା ଚୌଧୁରୀଙ୍କ ସହିତ ବେଞ୍ଚ ଲୟାର ତପନ ନନ୍ଦି, ନାଜର କୋର୍ଟରେ ସିଭିଲ ଜଜ୍ ବିଦ୍ୟୁତ୍ ଲତା ପ୍ରଧାନଙ୍କ ସହିତ ଅରୁପାନନ୍ଦ ପାତ୍ର, ଜେଏମ୍ଏଫ୍‌ସି କୋର୍ଟରେ ଆଡିଶନାଲ ସିଭିଲ ଜଜ୍ ଡି.କେ. ବାଲକ୍ରିଷ୍ଟନ୍‌ଙ୍କ ସହିତ ବେଞ୍ଚ ଲୟାର ଧୀରେନ୍ଦ୍ର ନାଥ ସାହୁ ମାମଲା ପରିଚାଳନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ଇଣ୍ଡିଆନ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କ ଅଧିକାରୀମାନେ ଅନାଦେୟ ଋଣ ଆଦାୟ ଲାଗି ମାମଲା ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକ ନେତା ଦାମୋଦର ତ୍ରିପାଠୀଙ୍କ ପରଲୋକ

ଡେରାବିଶ, ୧୩।୧୨ (ବେବର୍ତ୍ତା ଅଜୟ ଦାସ)



ଡେରାବିଶ ବ୍ଲକ ରତାଦିଆଖଣ୍ଡସାହି ପଞ୍ଚାୟତ କାଦୁଆ ଗ୍ରାମ ନିବାସୀ ତଥା ଶିକ୍ଷକ ନେତା ଦାମୋଦର ତ୍ରିପାଠୀ (୯୨)ଙ୍କ ପରଲୋକରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଦାମୋଦର ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ପ୍ରାୟ ୮ ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଶନିବାର ପ୍ରତ୍ୟୁଷରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ କେନ୍ଦ୍ରାପଡା ଜିଲା ଶିକ୍ଷକ ସଂଘ ନେତା ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଶୋକ କୁମାର ତ୍ରିପାଠୀ ଓ ଶିକ୍ଷକ ନେତା କାହ୍ନୁଚରଣ ଦାସ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ।

# ରାଜ୍ୟସ୍ତରୀୟ ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ଯାଜପୁର

ଡେରାବିଶ, ୧୩।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଯାଜପୁର ଟିମ୍ ବରହମପୁର ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳ ପ୍ରଥମାର୍ଦ୍ଧରେ ବରହମପୁର ଟିମ୍ ଯାଜପୁର ଟିମ୍‌କୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଯାଜପୁର ଟିମ୍ ଗୋଟିଏ ଗୋଲଦେଇ ଖେଳକୁ ବରାବର ସ୍ଥିତିକୁ ଆଣିଥିଲା। ତେବେ ନିର୍ଦ୍ଧାରିତ ସମୟରେ ଖେଳ ଅମିମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଯାଜପୁର ଟିମ୍ ୩-୨ ଗୋଲରେ ବରହମପୁର ଟିମ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରବିବାର ଯାଜପୁର ଓ ମୟୂରଭଞ୍ଜ ଟିମ୍ ମଧ୍ୟରେ ଫାଇନାଲ ମୁକାବିଲା ହେବ। ରେଫରି ଭାବେ ସୁଶାନ୍ତ ବିଶ୍ୱାଳ, ଜିତେନ୍ଦ୍ର ବାରିକ ଓ ରିଆଜ କାଦ୍ରୀ ଖେଳ ପରିଚାଳନା କରିଥିଲେ। ଆସୋସିଏଶନ ସଭାପତି ନୃସିଂହ ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା, କମେଡି କୁଇନ ଐଶ୍ୱର୍ଯ୍ୟା ଓ ଶିବିର କୁମାର ପରିଡ଼ା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ବିଶ୍ୱ ରଞ୍ଜନ ସାମଲ, ସୁଶାନ୍ତ କୁମାର ସାହୁ, ଅଭିରାମ ମଲିକ, କୈଳାସ ଲେଙ୍କା, ଅଲେଖ ବେଜ ଓ ଅଭିରାମ ମହାନ୍ତିଙ୍କ ସମେତ ଆସୋସିଏଶନର କର୍ମକର୍ତ୍ତାମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ସାମୁଦ୍ରିକ ଅଭୟାରଣ୍ୟକୁ ଟ୍ରଲରମୁକ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ମତ୍ସ୍ୟଜୀବୀ

ମହାକାଳପଡ଼ା, ୧୩।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଟ୍ରଲର ଉପଦ୍ରବ ଦିନକୁଦିନ ବୃଦ୍ଧି ପାଉଛି। ପ୍ରଶାନ୍ତ ମହାସାଗରରୁ ଆସନ୍ତି ବିଦେଶୀ ଅତିଥି ଅଲିଭ୍ ରିଡ୍‌ଲେ କଇଁଛ। ଅଣ୍ଡାଦାନ ପାଇଁ ପ୍ରକୃଷ୍ଟ ସ୍ଥାନ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ବିସ୍ତୀର୍ଣ୍ଣ ବାଲୁକାଶଯ୍ୟା। ସାଧାରଣତଃ ଗଭୀର ସମୁଦ୍ରରେ ଧଳା ଟାଇଗର ଚିଙ୍ଗୁଡ଼ି ଅଲିଭ୍ ରିଡ୍‌ଲେ କଇଁଛଙ୍କ ମଳ ଖାଇଥା'ନ୍ତି ବୋଲି କୁହାଯାଉଛି। ଅପରପକ୍ଷରେ ମାଛ ଯାଆଁଳକୁ ଜେଲିଫିସ୍ ଖାଆନ୍ତି, ଜେଲ ଫିସ୍‌କୁ କଇଁଛ ଖାଆନ୍ତି। କିନ୍ତୁ କଇଁଛଙ୍କ ଜୀବନ ଟ୍ରଲର ମାଲିକମାନେ ନେବାକୁ ପଛାଉନାହାନ୍ତି ବୋଲି ଅତିଥିମାନେ କହିଛନ୍ତି।

ଜମ୍ବୁ ରେଞ୍ଜ କାର୍ଯ୍ୟାଳୟରେ ସାମୁଦ୍ରିକ କଇଁଛ ସୁରକ୍ଷା ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓଙ୍କର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ଗଗନ କୁମାର ମଲିକ, ପରିବେଶବିତ୍ ତଥା କବି ହେମନ୍ତ କୁମାର ରାଉତ, ବିଜୟ କବି, ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇ ଓ ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁଙ୍କ ସମେତ ପ୍ରାକ୍ତନ ସରପଞ୍ଚ ଶରତ କୁମାର ମହାନ୍ତି, ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଭକ୍ତ ରଞ୍ଜନ ମାହାଳୀ, ଗୋପୀ ରକ୍ଷିତ, ବିରଞ୍ଚି ନାରାୟଣ ଦାସ ଓ କଳ୍ପତରୁ ସାମଲ ପ୍ରମୁଖ କଇଁଛ ସୁରକ୍ଷା ସଂରକ୍ଷଣ ଉପରେ ମତାମତ ରଖିଥିଲେ। ଅତିରିକ୍ତ ବନ ସଂରକ୍ଷକ ମାନସ କୁମାର ଦାସ ଶିବିର ସଞ୍ଚାଳନ କରିଥିଲେ। ଅପରପକ୍ଷରେ ଖୁବ୍‌ଶୀଘ୍ର ଏହି ଅଞ୍ଚଳର କେତେକ ପାରମ୍ପରିକ ମତ୍ସ୍ୟଜୀବୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଟ୍ରଲରଗୁଡିକର ଉପଦ୍ରବ ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି କଇଁଛ ସୁରକ୍ଷା ସଂରକ୍ଷଣ ଉପରେ ଅଭିଯୋଗ ପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି ଜନ ପ୍ରତିନିଧିମାନେ କହିଛନ୍ତି।

## ଜମ୍ବୁରେ କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ନୂଆଗାଁ ବ୍ଲକ୍ | ଅଧାପନ୍ତରିଆ ଭାବେ ପଡ଼ିରହିଛି ଅନେକ ପ୍ରକଳ୍ପ

ନୂଆଗାଁ, ୧୩।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଲୋକଙ୍କ ସ୍ୱାର୍ଥଦୃଷ୍ଟିରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। କିନ୍ତୁ କିଛି ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମନୋବଳ ଅଭାବରୁ ସେସବୁ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଅଭିଯୋଗ ହେଉଛି। ନୂଆଗାଁ ବ୍ଲକରେ ଅନେକ ପ୍ରକଳ୍ପ ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଥିବା ବେଳେ ପ୍ରଶାସନିକ ଅଧିକାରୀ ତାହାକୁ ସମ୍ପୂର୍ଣ୍ଣ କରିବା ନାଁ ଧରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ନୂଆ ସରକାର ଆସିବା ପରେ ସରକାରୀ ଦଳର କର୍ମୀ ଓ ବିରୋଧୀ ଦଳ କର୍ମୀମାନଙ୍କ ମଧ୍ୟରେ କାମକୁ ନେଇ କନ୍ଦଳ ତୁଟି ପାରୁ ନ ଥିବାରୁ କାମ କରିବାରେ ବିଳମ୍ବ ହେଉଥିବା ନେଇ ବିଭାଗୀୟ ଅଧିକାରୀମାନେ ଅଭିଯୋଗ ଆଣୁଛନ୍ତି।

ନୂଆଗାଁ ବ୍ଲକ ବିକାଶ ପାଇଁ ସରକାର ଅନୁଦାନ ପ୍ରଦାନ କରିଛନ୍ତି। ସେଥିରୁ ଅନେକ ପ୍ରକଳ୍ପ କାର୍ଯ୍ୟାରମ୍ଭ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି ତ ଆଉ କିଛି ପ୍ରକଳ୍ପ ପାଇଁ ଅନୁଦାନ ଥାଇ ମଧ୍ୟ କାର୍ଯ୍ୟାରମ୍ଭ ହୋଇ ନାହିଁ। ଆଉ କେଉଁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକ୍ଷମ କରିବାର ନାଁ ଧରୁନି ପ୍ରଶାସନ।



ମାଇଛେଳି ପଞ୍ଚାୟତରେ ଅଧାପନ୍ତରିଆ ଶିକ୍ଷକ ଭବନ ।

ନୂଆଗାଁ ବ୍ଲକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସ୍ୱାର୍ଥ ଦୃଷ୍ଟିରୁ ମାଇଛେଳି ପଞ୍ଚାୟତରେ ଶିକ୍ଷକ ଭବନ ନିର୍ମାଣ ପାଇଁ ନଭେମ୍ବର ୨୦୨୧ରେ ଶିଳାନ୍ୟାସ କରାଯାଇ କାର୍ଯ୍ୟାରମ୍ଭ ହୋଇଯାଇଥିଲା। ତେବେ ଶୁଭ ଦେବାର ସାଢ଼େ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଛାତ ପର୍ଯ୍ୟନ୍ତ କାମ ହୋଇ ନାହିଁ। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ବାହାଡ଼ାଖୋଲା ବଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁସ୍ତକାଗାର ପାଇଁ ମେ' ୨୦୨୨ରେ ଭିତ୍ତିପ୍ରସ୍ତର ସ୍ଥାପନ କରି କାର୍ଯ୍ୟାରମ୍ଭ କରାଯାଇଥିବା ବେଳେ ଅନୁଦାନ ଥାଇ ମଧ୍ୟ ଉକ୍ତ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଦୀର୍ଘ ଦିନ ହେଲା ଏଭଳି ଭାବେ ପଡ଼ିରହିବା ଫଳରେ ଅନେକ ଇଟାକାନ୍ଥ ଭୁଶୁଡ଼ି ପଡିଲାଣି। ଉକ୍ତ କାମ ପାଇଁ ଠିକାଦାର ଚୟନ ହୋଇପାରୁ ନ ଥିବାରୁ କାମ ବନ୍ଦ ହୋଇଥିବା ଅଧିକାରୀ କହିଛନ୍ତି। ମହୀପୁର ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନକୁ ୩ ବର୍ଷ ବିତିଥିଲେ ମଧ୍ୟ ତାହା ବ୍ୟବସାୟୀଙ୍କୁ ନ ଦେଇ ସେଥିରେ ତାଲା ଝୁଲି ରହିଛି । ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବାଟୋଇମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଚୁପାଣ୍ଡବ ନିକଟରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଜନସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହେବାର ୩ ବର୍ଷ ବିତିଥିଲେ ମଧ୍ୟ କାର୍ଯ୍ୟକ୍ଷମ କରାଯାଇ ନାହିଁ। ନୂଆଗାଁ ଅଞ୍ଚଳବାସୀଙ୍କ ନିମନ୍ତେ ଉକ୍ତ ଗାଁରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ୨୦୨୦ ଡିସେମ୍ବରରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ ଶୁଭଦେବାର ପ୍ରାୟ ସାଢ଼େ ୪ ବର୍ଷ ବିତି ଯାଇଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଛାତ ନ ପଡ଼ି ଅସମ୍ପୂର୍ଣ୍ଣ ରହିଛି । ତେବେ ନୂଆଗାଁ ବ୍ଲକ ବିକାଶ ଧିମା ପଡିଥିବା ଅଭିଯୋଗରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ଯେଉଁ ପ୍ରକଳ୍ପ ଅଧାରେ ରହିଛି, ସେସବୁର ସମୀକ୍ଷା ଜିଲାପାଳ କରିଛନ୍ତି। ସେଗୁଡିକ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା ଚାଲିଛି ବୋଲି ବିଡିଓ ରାଉଳ କହିଛନ୍ତି।

# 'ମୋ ଖତ' ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



'ମୋ ଖତ' ବିକ୍ରୟ କେନ୍ଦ୍ରକୁ ଏନ୍‌ଏସି ଅଧ୍ୟକ୍ଷ ଆରତୀ ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି।

ଖଣ୍ଡପଡ଼ା, ୧୩।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡା ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ 'ମୋ ଖତ' ବିକ୍ରୟ କେନ୍ଦ୍ର ଏନ୍‌ଏସି ଅଧ୍ୟକ୍ଷ ଆରତୀ ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ବରିଷ୍ଠ ଯନ୍ତ୍ରୀ, ପରିମଳ ବିଶେଷଜ୍ଞ, ସ୍ୱଚ୍ଛ କର୍ମୀଙ୍କ ସମେତ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। 'ମୋ ଖତ' ବିକ୍ରୟ କେନ୍ଦ୍ର ଜରିଆରେ ଜୈବିକ ଖତ କେଜି ପ୍ରତି ୧୦ ଟଙ୍କା ଦରରେ ବିକ୍ରି ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଥିବା ବେଳେ ଜୈବିକ ସାର କ୍ରୟ କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ପରିଲକ୍ଷିତ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ

ଖଣ୍ଡପଡ଼ା, ୧୩।୧୨
(ଅଜୟ କୁମାର ମହାରଣା)

କଣ୍ଟିଲୋ ପଞ୍ଚାୟତ ଖୁଦ ବେହେରା ପାଟଣା ଗ୍ରାମର ଜନୈକ ସହକାରୀ ଯନ୍ତ୍ରୀ ବଳରାମ ସାହୁ(୮୬)ଙ୍କ ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱର ପୁଅ ପାଖରେ ରହୁଥିଲେ। ସ୍ୱର୍ଗତ ସାହୁ ଜଣେ ପରୋପକାରୀ, ଧର୍ମପରାୟଣ, ମେଳପି ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ । ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟେବୁଲ ଟେନିସ ପୁରୁଷ ଦଳର ରାଇପୁର ଗସ୍ତ

ବ୍ରହ୍ମପୁର, ୧୩।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଶନିବାର ଟେବୁଲ ଟେନିସ ପୁରୁଷ ଦଳର ରାଇପୁର ଗସ୍ତ କରିଛନ୍ତି। ସେଠାରେ ପଣ୍ଡିତ ରବି ଶଙ୍କର ଶୁକ୍ଲା ୟୁନିଭରସିଟି ଠାରେ ଆସନ୍ତା ୧୫ରୁ ୧୯ ତାରିଖ ଯାଏ ହେବାକୁ ଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେବୁଲ ଟେନିସ ପ୍ରତିଯୋଗିତାରେ ଭାଗ ନେବେ। ଦଳରେ ଚିକିଟି ମହାବିଦ୍ୟାଳୟର ଗୁପ୍ତ ପ୍ରସାଦ ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ସୋନୁ ରେଡ୍ଡୀ, ଖଲ୍ଲିକୋଟ ଆରସିଏମ କଲେଜ ଓ ସାଇନ୍ସ କଲେଜର ସୁଶାନ୍ତ ଜାନି, ଶୁଭମ ସାହୁ ରହିଥିବା ବେଳେ ମ୍ୟାନେଜର ଓ କୋଚ ଭାବେ ଫୁଲବାଣୀ କଲେଜର ପିଇଟି ଜଗନ୍ନାଥ ମାଝୀ ଗସ୍ତ କରିଛନ୍ତି। କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି, ଜଗନ୍ନାଥ ଚୌଧୁରୀ, ପ୍ରଦୀପ ନାୟକ, ସୁନିତା ପାତ୍ର, ଦୁଷ୍ମନ୍ତ ପାଢ଼ୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଯାନବାହନ ପାର୍କିଂକୁ ନେଇ ଟ୍ରାଫିକ୍ ସମସ୍ୟା



ଖଣ୍ଡପଡ଼ା, ୧୩।୧୨ (ଅଜୟ କୁମାର ମହାରଣା)

ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କ ଆଗମନରେ ଖଣ୍ଡପଡ଼ା ସହର ଉପକଣ୍ଠରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ଏବେ ଉତ୍ସବମୁଖର ହୋଇ ଉଠିଛି। ଦୈନିକ ଯାନବାହନ ଯୋଗେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ବଣଭୋଜି କରିବା ନିମନ୍ତେ ପର୍ଯ୍ୟଟକମାନେ ଏଠାକୁ ଆସୁଥିବା ବେଳେ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡ଼ାରୁ ନୟାଗଡ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀଟି ଅବସ୍ଥିତ ହୋଇଥିବା ବେଳେ ପାର୍ଶ୍ୱରେ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହନ ଗୁଡ଼ିକ ପାର୍କିଂ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ ଓ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ନିକଟରେ ଯାନବାହନ ପାର୍କିଂ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ୧୬ତମ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ପ୍ରଥମ ମ୍ୟାଚରେ ଉତ୍ତରପ୍ରଦେଶ ସହ ସାଇ ଇଲେଭେନ ଭୁବନେଶ୍ୱର

ଭାପୁର, ୧୩।୧୨ (ପ୍ରଭାତ ବରାଡ)

ନୟାଗଡ ଜିଲା ଭାପୁର ବ୍ଲକ ଫତେଗଡ ପଞ୍ଚାୟତ ଫତେଗଡ ନାଲିସାଗର ପଡିଆରେ ଶନିବାରରୁ ସର୍ବଭାରତୀୟ ସଦାଶିବ ସ୍ମୃତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକ ଫତେଗଡ ଯୁବକ ସଂଘ ତରଫରୁ ସୂଚନା ମିଳିଛି। ଏନେଇ ଫତେଗଡ ଯୁବକ ସଂଘର ସଭାପତି ତଥା ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ବୃତାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଷ୍ଟାଡିୟମ ସାଜସଜ୍ଜା କାର୍ଯ୍ୟ ଚାଲୁ ରହିଛି। ଚଳିତ ବର୍ଷ ଟୁର୍ଣ୍ଣାମେଣ୍ଟଟି ୧୬ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ଏଥିରେ ୮ ଟିମ୍ ଭାଗ ନେଉଥିବା ଫତେଗଡ ଯୁବକ ସଂଘ ସଭାପତି ପ୍ରଧାନଙ୍କଠାରୁ ସୂଚନା ମିଳିଛି। ଟୁର୍ଣ୍ଣାମେଣ୍ଟରେ ସାଇ ଇଲେଭେନ ଭୁବନେଶ୍ୱର, ୟୁପି ଟାଇଗର ଉତ୍ତରପ୍ରଦେଶ, ଏମ୍‌ଏମ୍‌ସିସି ସମ୍ବଲପୁର, କଲିକତା , କେସିସି କଳାହାଣ୍ଡି, ମୁମ୍ବାଇ, ଟିସିସି ଭୁବନେଶର ଓ ଆନ୍ଧ୍ରପ୍ରଦେଶ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ଦଳକୁ ଟ୍ରଫି ସହିତ ଦେଢ଼ ଲକ୍ଷ ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହିତ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଉଦ୍‌ଘାଟନୀ ମ୍ୟାଚରେ ଉତ୍ତରପ୍ରଦେଶ ଟିମ୍ ସହିତ ସାଇଇଲେଭେନ ଭୁବନେଶ୍ୱର କ୍ରିକେଟ ଟିମ୍ ମ୍ୟାଚ ଅନୁଷ୍ଠିତ ହେବ। ଦର୍ଶକ ମାନଙ୍କ ଷ୍ଟାଡିୟମ ଚାରିପଟେ ଏଲଡି ଟିଭି, ଚିୟର ଗାର୍ଲ ନୃତ୍ୟ ବ୍ୟବସ୍ଥା କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ଅନେକ ଆଇପିଏଲ ଖେଳାଳି ଆସୁଥିବାର ସୂଚନା ମିଳିଛି। ସର୍ବଭାରତୀୟ ସଦାଶିବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନୟାଗଡ ଜିଲାରେ ଏକ ସ୍ୱତନ୍ତ୍ରତା ହୋଇଥିବା ବେଳେ ଏହାକୁ ଦେଖିବାକୁ ବହୁ ସଂଖ୍ୟାରେ କ୍ରିକେଟ ପ୍ରେମୀଙ୍କ ସମାଗମ ହୋଇଥାନ୍ତି। ସମସ୍ତ ଦର୍ଶକ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଛି।

# ବିଧାୟକଙ୍କ ଦରମା ଓ ପେନ୍‌ସନ ବୃଦ୍ଧି ରାଜ୍ୟବାସୀଙ୍କ ପ୍ରତି ପ୍ରତାରଣା

ବ୍ରହ୍ମପୁର, ୧୩।୧୨ (ସ୍ମୃତି ରଞ୍ଜନ ମହାଲିକ)

ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ୩ ଗୁଣା କରିବା ଗରିବ ଓ ରାଜ୍ୟବାସୀଙ୍କ ପ୍ରତି ପ୍ରତାରଣା ବୋଲି ଲୋକ ଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା ପ୍ରକାଶ କରିଛନ୍ତି। ସମଗ୍ର ଦେଶରେ ପୂର୍ବତନ ବିଧାୟକ ଓ ପୂର୍ବତନ ଏମପି ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ୨ଟି ପେନସନ ପାଉଛନ୍ତି। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ପଦରୁ ଗଲାପରେ ବି ୨ଟି ପେନସନର ହକଦାର। ଏପରି ଅହେତୁକ ପେନସନ ଅନୈତିକ। ଦେଶ ଓ ରାଜ୍ୟରେ ବେକାରଙ୍କୁ ନିଯୁକ୍ତି ଓ ଆୟର ସୁଯୋଗ ନ ଥିବାବେଳେ ଜନସେବା ନାମରେ ଭୋଟ ପାଇଁ ପାଇଁ ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କୁ ଆଜୀବନ ପେନସନ ବ୍ୟବସ୍ଥା ନୀତିଗତ ଭାବେ ଉଚିତ ନୁହଁ। ଏବେବି ଦେଶର ସମସ୍ତ ଅଭାବୀ ଅସହାୟ ବୃଦ୍ଧା, ବୃଦ୍ଧ ଓ ବିକଳାଙ୍ଗଙ୍କୁ ସମ୍ମାନର ସହ ବଞ୍ଚିବାକୁ ନ୍ୟାୟସଙ୍ଗତ ପେନସନ ଦିଆଯାଇପାରି ନାହିଁ। ଶ୍ରମିକଙ୍କ ଦୈନିକ ମଜୁରୀ ୭୦୦ ଟଙ୍କା ଦେବାକୁ ସରକାର ପ୍ରସ୍ତୁତ ନୁହନ୍ତି। ଏବେବି ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଦୈନିକ ମଜୁରୀ ହିସାବରେ ଦରମା ଦେବାକୁ ସରକାର ନିଷ୍ପତ୍ତି କରି ପାରୁନାହାନ୍ତି। ବେକାରୀ ଯୁବତୀ ଯୁବକଙ୍କୁ ଭତ୍ତା ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଚିନ୍ତା ବି କରିନାହାନ୍ତି। ଏପରି ସ୍ଥଳେ ଲୋକଙ୍କ ପ୍ରତିନିଧି ୩ ଗୁଣା ଦରମା ଓ ୩ ଗୁଣା ପେନସନ ସହ ଏକାଥରକେ ୨ଟା ଲେଖାଏ ପେନସନ ପାଇବା ଜନତାଙ୍କପ୍ରତି ପ୍ରତାରଣା ବୋଲି ସାମନ୍ତରା ଅଭିଯୋଗ କରିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫୁଲବାଣୀ, ୧୩।୧୨ (ରାକେଶ କୁମାର ରାଉତ)

ଫିରିଙ୍ଗିଆ କଲ୍ୟାଣ ମଣ୍ଡପଠାରେ ଓଡିଶା ଶିକ୍ଷକ ସଂଘ ପକ୍ଷରୁ ଶ୍ରୀପଲ୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଚୌଧୁରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗଞ୍ଜାମରେ ବିଦେଶାଗତ ପକ୍ଷୀଙ୍କ କାକଳି

## ସମରଝୋଲ ପୋଖରୀରେ ରେଡ୍ କ୍ରେୟେଷ୍ଟଡ୍ ପୋଚାର୍ଡ



ସମରଝୋଲ ପୋଖରୀରେ ଖେଳୁଥିବା ରେଡ କ୍ରେୟେଷ୍ଟଡ୍ ପୋଚାର୍ଡ।

ବ୍ରହ୍ମପୁର, ୧୩।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଭାରତକୁ ଶୀତ ଆସିଛି। ଶୀତ ଆସିଲେ ଏସିଆର ବିଭିନ୍ନ ସ୍ଥାନ ଓ ଏସିଆ ବାହାରର ବିଭିନ୍ନ ସ୍ଥାନରୁ ବିଦେଶାଗତ ପକ୍ଷୀମାନଙ୍କ ଭାରତକୁ ଆଗମନ ହୋଇଥାଏ। ସେହିକ୍ରମରେ ଓଡ଼ିଶାର ଚିଲିକା ସହିତ ଅନ୍ୟାନ୍ୟ ପୋଖରୀରେ ଏବେ ବିଦେଶାଗତ ପକ୍ଷୀଙ୍କ କାକଳୀ ଶୁଭୁଛି। ବିଭନ୍ନ ରଙ୍ଗବେରଙ୍ଗର ପକ୍ଷୀ ଦେଖଣାହାରୀଙ୍କୁ ଯେତିକି ଆକୃଷ୍ଟ କରିଥାଏ ସେମାନଙ୍କ ସୁରକ୍ଷା ସେତିକି ପରିବେଶବିତ୍‌ଙ୍କୁ ଚିନ୍ତା ଆଣିଥାଏ। ସେହି କ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ପୋଖରୀ ଓ ଋଷିକୁଲ୍ୟା ନଦୀକୁ ଅନେକ ପକ୍ଷୀ ଆସିଥିବା କିଛି ପରିବେଶବିତ ପ୍ରକାଶ କରିଛନ୍ତି। ସୁଦୂର ସାଇବେରିଆ, ରୁଷିଆ, ଇଂଲଣ୍ଡ, କାଜାଖସ୍ତାନ, ଇରାନ, ଇରାକ, ମଙ୍ଗୋଲିଆ ଆଦି ଅଞ୍ଚଳରେ ପ୍ରବଳ ହିମପ୍ରବାହରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ପକ୍ଷୀମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ହଜାର ହଜାର ମାଇଲ ଅତିକ୍ରମ କରି ଓଡିଶାରେ ପହଞ୍ଚିଛନ୍ତି । ଶୀତଦିନେ ଏଠାକାର ପୋଖରୀରେ ପ୍ରଚୁର ପରିମାଣର ଖାଦ୍ୟ ମିଳିବା ସହିତ ସେମାନଙ୍କ ପ୍ରଜନନ କରିବା ପାଇଁ ସୁବିଧା ମିଳୁଥିବାରୁ ସେମାନେ ଏଠାକୁ ଆକୃଷ୍ଟ ହୋଇ ଆସିଥାନ୍ତି। ସେମାନଙ୍କ ଶାବକମାନଙ୍କୁ ଖାଦ୍ୟ ଏବଂ ନିଜେ ବଞ୍ଚିବାକୁ ଏକ ସର୍ବୋତ୍ତମ ପରିବେଶ ବୋଲି ବାଛିଥାନ୍ତି। ବର୍ତ୍ତମାନ ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକ ସମରଝୋଲ ପୋଖରୀରେ ଚଳିତ ବର୍ଷ ବିଭିନ୍ନ ବିଦେଶୀ ଓ ଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି। ପୋଖରୀ ପୁନଃରୁଦ୍ଧାର ପାଇଁ କିଛି ବର୍ଷ ହେଲା ପକ୍ଷୀ ଆସୁନଥିଲେ। ଦୀର୍ଘ ପାଞ୍ଚ ବର୍ଷ ପରେ ପୁଣି ଖାଦ୍ୟ ଅନୁସନ୍ଧାନରେ ରେଡ କ୍ରେୟେଷ୍ଟଡ୍ ପୋଚାର୍ଡ (ବତକ ଜାତୀୟ), ଟଫଟେଡ୍ ଡକ୍, ଇଉରିସିଆନ କୁଟ ପ୍ରଜାତିର ପକ୍ଷୀ ଆସିଛନ୍ତି। ଏହା ସହ ସ୍ଥାନୀୟ କଟନ ପିଗମୀ ଘୋସ, ମାଟିଆ ଗେଣ୍ଡି, ମାଛ ରଙ୍କା, କାମ ଚଢ଼େଇ ଆଦିଙ୍କ ସମାଗମ ହୋଇଛି ବୋଲି ପରିବେଶବିତ ତଥା ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସହିତ ଅନ୍ୟାନ୍ୟ ପରିବେଶବିତ ପ୍ରକାଶ କରିଛନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କ ସଚେତନତାର ଅଭାବ ଯୋଗୁ ସେମାନଙ୍କ ସୁରକ୍ଷା ଏବେ ବଡ ପ୍ରଶ୍ନ ହୋଇଛି। ବନ ବିଭାଗ ତରଫରୁ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପ୍ରତି ସଚେତନତା କାର୍ଯ୍ୟକ୍ରମ କରାଗଲେ ଶିକାରୀମାନେ ବି ଶିକାରରୁ କ୍ଷାନ୍ତ ରହିବେ। ଚଳିତ ବର୍ଷ ଆସିଥିବା ପକ୍ଷୀ ସୁରକ୍ଷିତ ଫେରିଲେ ପୁଣି ଆସନ୍ତା ବର୍ଷକୁ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ପରିବେଶବିତମାନେ ଆଶା ପ୍ରକାଶ କରିଛନ୍ତି।

# ଛାତ୍ରୀ ବଳାତ୍କାର ମାମଲାରେ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୧୩।୧୨ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଞ୍ଚଳର ଏକ ପ୍ରତିଷ୍ଠିତ କଲେଜରେ ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ଦଣ୍ଡ ପାତ୍ରଙ୍କୁ ଗିରଫ କରି ବ୍ରହ୍ମପୁର ପୋକସ କୋର୍ଟକୁ ଚାଲାଣ କରାଯାଇଛି। ଏସ୍‌ଆଇ ରାଜ କିଶୋର ପାତ୍ର ଏହାର ତଦନ୍ତ କରୁଥିଲେ। ମାମଲା ନଂ.୪୪୬/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି।

ଗତ ୬ ତାରିଖରେ ଛାତ୍ରୀଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଦଣ୍ଡ ତାଙ୍କୁ ଅପହରଣ କରି ନେଇଥିଲେ। ଘଟଣା ଜଣାପଡିବା ପରେ ଭୁବନେଶ୍ୱରରେ ରହି ଦିନ ମଜୁରିଆ ରୂପେ କାମ କରୁଥିବା ଛାତ୍ରୀଙ୍କ ମା' ଘରେ ପହଞ୍ଚି ଝିଅର ଖୋଜ ଖବର ନେଇଥିଲେ। ଘର ଆଲାମିରାରେ ପ୍ରାୟ ୧ ଲକ୍ଷ ଟଙ୍କା ଏବଂ ପ୍ରାୟ ୩ ଭରି ଓଜନର ସୁନାହାର, କାନଫୁଲ ନ ଥିବା ଜଣାପଡିଥିଲା। ଝିଅର ସନ୍ଧାନ ନ ମିଳିବାରୁ ଗତ ୮ ତାରିଖରେ ସେ ଦିଗପହଣ୍ଡି ଥାନାରେ ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ମାମଲା ରୁଜୁ କରି ଏସ୍‌ଆଇ ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଶୁକ୍ରବାର ତଦନ୍ତକାରୀ ଅଧିକାରୀ ପାତ୍ର ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରିବାରୁ ଲୋକେସନ ବ୍ରହ୍ମପୁର ରେଳ ଷ୍ଟେସନ ଦେଖାଇଥିଲା। ସେ ଟିମ୍ ସହ ଷ୍ଟେସନରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ।

ଭୁବନେଶ୍ୱର ପଳାଶୁଣି ନିକଟ ଓଭରବ୍ରିଜ ତଳେ ଏକ କୁଡ଼ିଆରେ ତାଙ୍କୁ ନେଇ ଦଣ୍ଡ ରଖିଥିଲେ। ଗତ ୮ରେ ଭୁବନେଶ୍ୱର ପଳାଶୁଣି ନିକଟରେ ଥିବା ଏକ ମନ୍ଦିରରେ ଦଣ୍ଡ ମୋ ମୁଣ୍ଡରେ ସିନ୍ଦୂର ଲଗାଇ ମୋତେ ବିବାହ କରିଥିବା ନେଇ ଏସ୍‌ଆଇ ସୋଫିଆ ମିଶ୍ରଙ୍କ ସମ୍ମୁଖରେ ପୀଡ଼ିତା ଛାତ୍ରୀ ବୟାନ ଦେଇଛନ୍ତି। ପରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

# ଖଣ୍ଡପଡ଼ାରେ ହେବ ଆଷ୍ଟ୍ରୋ ଫିଜିକ୍ସ ଆଣ୍ଡ୍ ଆଷ୍ଟ୍ରୋନୋମି ଇନ୍‌ଷ୍ଟିଚ୍ୟୁଟ

## ଟାଟା ଷ୍ଟିଲ୍ ୟାଟ୍‌ସର ୧୯ତମ ଗ୍ରାଣ୍ଡ୍ ଫିନାଲେ: ୩୦ଯୁବ ଜ୍ୟୋତିର୍ବିଜ୍ଞାନୀ ପୁରସ୍କୃତ, ଇସ୍ରୋ ପରିଭ୍ରମଣରେ ଯିବେ

ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ)

ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ)ର ୧୯ତମ ଗ୍ରାଣ୍ଡ ଫିନାଲେ ଶନିବାର ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚଳିତବର୍ଷ ବିଭିନ୍ନ ଜିଲାରୁ ୭୬,୭୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଫାଇନାଲ୍‌କୁ ମୋଟ୍ ୬୦ଜଣ ପ୍ରତିଯୋଗୀ ଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୩୦ଜଣ ବିଜେତା ହୋଇ ଇସ୍ରୋ ପରିଭ୍ରମଣ ପାଇଁ ମନୋନୀତ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସେମାନଙ୍କୁ ପୁରସ୍କୃତ କରିବା ସହ ଜ୍ୟୋତିର୍ବିଜ୍ଞାନୀ ହେବାକୁ ଉତ୍ସାହିତ କରିଥିଲେ।





ଜଣେ ୟାଟ୍‌ସ ବିଜେତାଙ୍କୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପୁରସ୍କୃତ କରୁଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଲେ, ବିଶ୍ୱରେ ଭାରତୀୟ ଜ୍ୟୋତିର୍ବିଜ୍ଞାନୀଙ୍କ ସ୍ଥାନ ଅନନ୍ୟ। ୧୮୩୫ରେ ନୟାଗଡ଼ ଜିଲା ଖଣ୍ଡପଡ଼ା ଜନ୍ମିତ ମହାନ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶ ନଳୀରେ ମହାକାଶରେ ଗ୍ରହ ନକ୍ଷତ୍ର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ଠିକ୍ ଗଣନା କରିପାରିଥିଲେ। ମହାକାଶ ବିଜ୍ଞାନ ଉପରେ ଚର୍ଚ୍ଚା ହେଲେ ଭାରତୀୟ ସଂସ୍କୃତିର ଅବଦାନ ପ୍ରଥମେ ରହିବ ବୋଲି ସେ କହିଛନ୍ତି। ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ଖଣ୍ଡପଡ଼ାରେ ଗୋଟିଏ ପ୍ଲାନେଟାରିୟମ ଏବଂ ଆଷ୍ଟ୍ରୋ ଫିଜିକ୍ସ ଓ ଆଷ୍ଟ୍ରୋନୋମୀ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କରାଯିବ। ଆସନ୍ତା ୩୦ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ତଥା ପଠାଣିସାମନ୍ତ ପ୍ଲାନେଟାରିୟମ ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ ଉପସ୍ଥିତ ରହି ଯୁବ ବୈଜ୍ଞାନିକଙ୍କୁ ମାର୍ଗଦର୍ଶନ କରିବା ସହ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାକୁ ଆହ୍ୱାନ ଦେଇଛନ୍ତି। ଟାଟା ଷ୍ଟିଲ୍‌ର ଉପସଭାପତି ଡିବି ସୁନ୍ଦରମମ ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କ ମଧ୍ୟରେ ବିଜ୍ଞାନକୁ ନେଇ ଆଗ୍ରହ ସୃଷ୍ଟି କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ୟାଟ୍‌ସ କେବଳ ଏକ ପ୍ରତିଯୋଗିତା ନୁହେଁ, ମହାକାଶ ବିଜ୍ଞାନ ପ୍ରତି ପଠାଣି ସାମନ୍ତଙ୍କ ମହାନ ଅବଦାନକୁ ସେ ମନେ ପକାଇଥିଲେ। ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ସ୍ପେସ୍ ସେଣ୍ଟରର ବୈଜ୍ଞାନିକ ଅମିତାଭ ମହାନ୍ତି ଏବଂ ମହାକାଶରେ ଔଷଧୀୟ ଉତ୍ପାଦର ନିର୍ମାଣ ଓ ସୁରକ୍ଷିତ ଭାବେ ପୃଥିବୀକୁ ଆଣିବାରେ କାର୍ଯ୍ୟ କରୁଥିବା ସେରେଣ୍ଡିପିଟି ସ୍ପେସ୍ କମ୍ପାନୀର ସହ ସଂସ୍ଥାପକ ତଥା ସିଇଓ ଅନ୍ତରୀକ୍ଷ ପରିଚ୍ଛା ପ୍ରମୁଖ କୁନି ବୈଜ୍ଞାନିକଙ୍କୁ ନିଜ ଅନୁଭୂତି ବଖାଣିଥିଲେ। ଓଡ଼ିଶା ସ୍ପେସ ଆପ୍ଲିକେସନ ସେଣ୍ଟରର ସିଇଓ ରଶ୍ମିତା ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ପ୍ଲାନେଟାରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୦୭ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏଯାଏ ୪.୭ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

# ଚାଷଜମିରେ ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

**ଧର୍ମଶାଳା,୧୩।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ତହସିଲ ଗଙ୍ଗାଧରପୁର ପଞ୍ଚାୟତ ବାହାଗଡ଼ା ମୌଜାରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ବ୍ୟକ୍ତିଗତ ଜମି ପରିବର୍ତ୍ତେ ନିକଟରେ ଥିବା ସରକାରୀ ଜମିରେ ଟାୱାର ନିର୍ମାଣ କରାଗଲେ ଜମିମାଲିକ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ପ୍ରଶାସନ ଏବଂ ନିର୍ମାଣକାରୀ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜମିମାଲିକଙ୍କୁ ତହସିଲଦାରଙ୍କ କୋର୍ଟରେ ହାଜର ହୋଇ ଆକଳନ ହୋଇଥିବା କ୍ଷତିପୂରଣ ରାଶି ସମ୍ପର୍କରେ ଆଲୋଚନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜମି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଓପିଟିସିଏଲ୍ ପକ୍ଷରୁ ଏବେ ଦୁବୁରିଠାରୁ ପାରାଦୀପ ପର୍ଯ୍ୟନ୍ତ ଟାୱାର ମାଧ୍ୟମରେ ୪୪୦/୨୨୦କେଭି ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଟଣାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ବାହାଗଡ଼ା ମୌଜାର ୧୭୧ ନମ୍ବର ପ୍ଲଟରେ ବିଦ୍ୟୁତ୍ ଟାୱାର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବାବେଳେ ୧୨୨, ୧୩୬, ୧୬୭, ୧୬୮, ୧୬୯, ୧୭୦, ୧୭୨, ୧୭୩, ୧୭୪, ୧୭୫, ୧୭୬ ଓ ୨୦୦ ନମ୍ବର ପ୍ଲଟ୍‌ରେ ବିଦ୍ୟୁତ୍ ତାର ଟଣାଯିବ ବୋଲି ସମ୍ପୃକ୍ତ ଜମିମାଲିକଙ୍କୁ ନୋଟିସ୍ କରାଯାଇଛି।

ଉକ୍ତ ୧୩ ପ୍ଲଟ୍‌ରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାଗଲେ ପ୍ରାୟ ୫ ଏକର ଜମିର ମାଲିକଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ। ଏଥିପାଇଁ ଓପିଟିସିଏଲ୍‌କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପ୍ରସ୍ତାବିତ ସ୍ଥାନରେ ଟାୱାର ସ୍ଥାପନ କରାଗଲେ ଜନବସତି ନିକଟରେ ବିପଦସଂକୁଳ ଅବସ୍ଥା ସୃଷ୍ଟି ହେବ। ଚାଷଜମିକୁ ହଳବଳଦ ନେବାରେ ଅସୁବିଧା ହେବ। ଗ୍ରାମବାସୀ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ଗୃହପାଳିତ ପ୍ରାଣୀଙ୍କ ଯାତାୟାତ ବାଧାପ୍ରାପ୍ତ ହେବ। ନିକଟସ୍ଥ ସରକାରୀ ଜମି ୧୭୭ ନମ୍ବର ପ୍ଲଟ୍(୯୨ଡିସିମିଲ)ର ପୂର୍ବଭାଗରେ ଟାୱାର ନିର୍ମାଣ ଓ ତାର ଟଣାଗଲେ କେବଳ ଗୋଟିଏ ପ୍ଲଟ୍ କ୍ଷତିଗ୍ରସ୍ତ ହେବ। ଏଥିରେ ଓପିଟିସିଏଲ୍ ଅଧିକ ଖର୍ଚ୍ଚାନ୍ତ ହେବନାହିଁ।

୨୦୨୨ରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ବିଦ୍ୟୁତ୍ ଲାଇନ୍ ଟ୍ରାକ୍ ପାଇଁ ଥାନୁଆଳ, ଖୁଣ୍ଟା, ଗୁଆରଙ୍ଗ ଓ ପଲାର ମୌଜାରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ବେଳେ କାହା ସ୍ୱାର୍ଥରେ ଅର୍ଜୁନପୁର ଓ ବାହାଗଡ଼ା ମୌଜାରେ ଟାୱାର ନିର୍ମାଣସ୍ଥଳ ଓ ତାର ଟଣାର ଦିଗ ପରିବର୍ତ୍ତନ କରାଯାଇଛି ବୋଲି ଜମିମାଲିକମାନେ ପ୍ରଶ୍ନ କରିଛନ୍ତି। ତେବେ ଧାନକଟା ପରେ ଓପିଟିସିଏଲ, ରାଜସ୍ୱ ବିଭାଗ, ସଂପୃକ୍ତ ଜମିମାଲିକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ବାହାଗଡ଼ା ଶବରସାହି, ଭୋଇସାହି ବାସିନ୍ଦା ଓ ଚାଷୀମାନେ ଦାବି କରିଛନ୍ତି। ଟାୱାର ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ନିଷ୍ପତ୍ତିର ପୁର୍ନବିଚାର ନ କଲେ ପ୍ରସ୍ତାବିତ ପ୍ଲଟ୍‌ର ମାଲିକ ବିଜୟ ପ୍ରସାଦ ରାୟ, ପୂର୍ଣ୍ଣଚନ୍ଦ୍ର ରାୟ, ନୃସିଂହ ଚରଣ ମିଶ୍ର, କଳ୍ପତରୁ ସାହୁ, ସରପଞ୍ଚ ତ୍ରିଲୋଚନ ଜେନା, ସଦାନନ୍ଦ ସାମଲ, ମକରଧ୍ୱଜ ସାମଲ, ପଦ୍ମନାଭ ସାମଲ, ଶ୍ୟାମସୁନ୍ଦର ସାମଲ, ଭାସ୍କର ସିଂ, ମିଟୁ ସାମଲ, ମଞ୍ଜୁଲତା ସାମଲ, ରଞ୍ଜିତା ସାମଲ, ବିଜୟ ସାମଲ, ଦେବେନ୍ଦ୍ର ଭୋଇ, ମାଧବ ଭୋଇ, ରମେଶ ଭୋଇ, ରବୀନ୍ଦ୍ର ଭୋଇ ପ୍ରମୁଖ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କେନାଲବନ୍ଧ ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ

**ଚଣ୍ଡିଖୋଲ,୧୩।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**



କେନାଲ ବନ୍ଧ ରାସ୍ତାର ଶିଳାନ୍ୟାସ କରୁଛନ୍ତି ବିଧାୟକ ଅମର ନାୟକ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତର ନାନପୁର ପଟଣାଠାରେ ୬ନଂ. କେନାଲବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଓ ୬ନଂ-୧ କେନାଲ ଦକ୍ଷିଣ ପାର୍ଶ୍ୱ ବନ୍ଧ ରାସ୍ତା ବନ୍ଦରେଶ୍ୱର ଛକଠାରୁ ପଲେଇ ସ୍କୁଲ ପର୍ଯ୍ୟନ୍ତ କେନାଲବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ବଡଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ମହାନଦୀ ନର୍ଥ ଡିଭିଜନ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ସେଠୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ନିରଞ୍ଜନ ସେନାପତି, ପ୍ରାକ୍ତନ ଜିଲା ପରିଷଦ ସଭ୍ୟା ବିପିନ ବିହାରୀ ଜେନା, ବାଲିଚନ୍ଦ୍ରପୁର ସରପଞ୍ଚ ଅନୁପମା ବଳ, ଯୁବନେତା ଅମିୟ ସାହାଣୀ, ପ୍ରାକ୍ତନ ସମିତିସଭ୍ୟା ଅମିୟ ବିଶ୍ୱାଳ ଓ ଦିଲୀପ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

କେନାଲବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ୨ କୋଟି ୩୭ ଲକ୍ଷ ୭୧ ହଜାର ଟଙ୍କା ଓ କାନ୍ଥିନି ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ କରା ଯାଇଥିବା ସହକାରୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟ ମାତ୍ର ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ଏହାଦ୍ୱାରା ସ୍ଥାନୀୟ ଗ୍ରାମବାସୀ ଓ ଚାଷୀଙ୍କ ଜଳଯୋଗାଣ ସୁଗମ ହେବ ବୋଲି ବିଧାୟକ କହିଛନ୍ତି।

# ତାରିଣୀ ଛକରୁ ଚଣ୍ଡୀପଡ଼ିଆ ନାଳ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ

**ଯାଜପୁର ଟାଉନ,୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବ୍ଲକ ବଡ଼ସୁଆର ପଞ୍ଚାୟତ ତାରିଣୀ ଛକଠାରୁ ଚଣ୍ଡୀପଡ଼ିଆ ନାଳପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ଷା ଦିନେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଏହି ରାସ୍ତାକୁ ବଜୁରୀଗୁଣ୍ଡ ଓ ଗୋଡ଼ି ପକାଯାଇ ମରାମତି କରାଯାଇଥିଲା। ମାତ୍ର ରାସ୍ତା ଉପରୁ ଗୋଡ଼ି ଉଠିଯିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏପରିକି ବାଇକ ଆରୋହୀଙ୍କ ପ୍ରତି ରାସ୍ତା ବିପଦ ସୃଷ୍ଟି କରିଛି। ଏହି ରାସ୍ତାରେ ଯିବା ସମୟରେ ବଜୁରି ଗୁଣ୍ଡର ଧୂଳିଉଡୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧୂଳି ନ ଉଡ଼ିବା ପାଇଁ ପାଣି ପକାଯିବା ବ୍ୟବସ୍ଥା ଥିଲେ ମଧ ତାହା କରାଯାଉନାହିଁ। ରାସ୍ତା ଖରାପ ଯୋଗୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଯିବା କଷ୍ଟକର ହୋଇପଡ଼ିଛି। ରାସ୍ତାରେ ଧୂଳି ଉଡ଼ିବା ଦ୍ୱାରା ରାସ୍ତା ପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକର ଲୋକଙ୍କ ଘରେ ଧୂଳି ପଶିଯାଉଛି। ତୁରନ୍ତ ଏହି ରାସ୍ତା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।


ରାସ୍ତାରୁ ଗୋଡ଼ି ଉଠିଯାଇ ଧୂଳି ଉଡୁଛି।

# ଜରି ପଞ୍ଚାୟତ ଭାଜପା ସଭାପତି ମନୋନୀତ


ବୈଠକରେ ମନୋନୀତ ହୋଇଥିବା ଭାଜପା କର୍ମକର୍ତ୍ତା।

**ଦଶରଥପୁର,୧୩।୧୨ (ସୁଶାନ୍ତ କୁମାର ବେହୁରିଆ):**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଜରି ପଞ୍ଚାୟତ ଭାଜପା ପକ୍ଷରୁ ଏକ ପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୨୦ ୱାର୍ଡ଼ ଓ ୭ ବୁଥ୍‌ର ସଭାପତିଙ୍କ ସହ ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ପ୍ରାକ୍ତନ ବ୍ଲକ ସଭାପତି ପୁରୁଷୋତ୍ତମ ବେହେରା, ନିର୍ବାଚନମଣ୍ଡଳୀ ଭାଜପା ସଂଯୋଜକ ନିରଞ୍ଜନ ବେହୁରିଆ, ଉପସଭାପତି ଶିବପ୍ରସାଦ ଧଳ, ଗଗନ ବିହାରୀ ନାୟକ, ମଣ୍ଡଳ ସଭାପତି ଶ୍ରୀଧର ଜେନା, ଯୁବସଭାପତି ରାଖେଲ ମଲ୍ଲିକ ଯୋଗ ଦେଇଥିଲେ। କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତରେ ପଞ୍ଚାୟତ ସଭାପତି ଭାବେ କିଶୋର ଚନ୍ଦ୍ର ମଲ୍ଲିକ ଓ ଉପସଭାପତି ଭାବେ ଘନଶ୍ୟାମ ନାୟକଙ୍କୁ ମନୋନୀତ କରାଯାଇଥିଲା।

# ସୁରକ୍ଷା କର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

**କଳିଙ୍ଗନଗର,୧୩।୧୨(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ସିଜିଏଲ ୨ ସାଇଡରେ ଜଣେ ଘରୋଇ ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଗରାସିଆ ଗ୍ରାମର ସାରଙ୍ଗଧର ଦାଶଙ୍କ ପୁଅ ସୁଶୀଲ ଦାଶ(୪୮)। ସେ ମେସର୍ସ ଷ୍ଟାରସିଲ୍ଡ ସିକ୍ୟୁରିଟି ସଲ୍ୟୁସନ ସର୍ଭିସେସରେ କାର୍ଯ୍ୟରତ ଥିଲେ। ସୁଶିଲ ସକାଳ ଭୋର୍ ସମୟରେ ବ୍ରିଫିଂ ପରେ ଗେଟ ନମ୍ବର-୩କୁ ଆସିଥିଲେ। ପରେ ସେ ବସରେ ଯାଇଥିଲେ। ବସରୁ ଓହ୍ଲାଇ ଚାଲି ଚାଲି ଯାଉଥିଲେ। ଏହି ସମୟରେ ରାସ୍ତାରେ ହଠାତ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ କାରଖାନା ପରିସର ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ଏହାପରେ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କଳିଙ୍ଗନଗର ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୨୯।୨୫ ରୁଜୁ କରି ତଦନ୍ତ ଚଳାଇଛି।

# ବେଆଇନ ପରିବହନ କରୁଥିବା ୨ ଗାଡ଼ି ଜବତ

**ଧର୍ମଶାଳା,୧୩।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅଧୀନ ବଜ୍ରଗିରି ପାହାଡ଼ରୁ ବେଆଇନଭାବେ ମୋରମ୍ ଓ ବୋଲ୍‌ଡର ପରିବହନ କରୁଥିବା ୨ଟି ଗାଡ଼ିକୁ ଧର୍ମଶାଳା ପୋଲିସ ଜବତ କରିଛି। ଓଆର୍ ୦୯ଏଫ୍୦୯୭୭ ନମ୍ବର ଟ୍ରକ କଦମପାଳ ଯାଉଥିବାବେଳେ ପୋଲିସ ଅଟକାଇ କାଗଜ ଯାଞ୍ଚ କରିଥିଲା। ମାତ୍ର ସମ୍ପୃକ୍ତ ଗାଡ଼ିଚାଳକ ପରିବହନ କରୁଥିବା ମୋରମ୍‌ର କାଗଜପତ୍ର ଦେଖାଇ ପାର ନ ଥିଲେ। ଫଳରେ ପୋଲିସ ଗାଡ଼ି ଜବତ କରିବା ସହ ମାଲିକଙ୍କ ନାମରେ ନଂ.୭୪୭/୨୫ରେ ଏକ ମାମଲା ରୁଜୁ କରିଥିଲା। ସେହିପରି ଓଆର୍୦୫କ୍ୟୁ୩୩୪୮ ନମ୍ବର ହାଇୱା ବେଆଇନ୍ ବୋଲଡର୍ ପରିବହନ କରୁଥିବାବେଳେ କୋତପୁରଠାରେ ପୋଲିସ ଗାଡ଼ିକୁ ଜବତ କରିଥିଲା। ଏନେଇ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିରୋଧରେ ନଂ.୪୪୮/୨୫ରେ ଏକ ମାମଲା ରୁଜୁ ହୋଇଛି। ଗାଡ଼ି ୨ଟିକୁ କୋତପୁର ଫାଣ୍ଡିରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିତ୍ୟ


@ ବିକାଶ


@ ପ୍ରଶାନ୍ତ


@ ଶ୍ରୀକାନ୍ତ


@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟାସନଗର ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ଯାଜପୁରରୋଡ୍,୧୩।୧୨ (ପବିତ୍ର ରଞ୍ଜନ ମହାନ୍ତି):**



ଅତିଥି ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଯାଜପୁରରୋଡ୍‌ସ୍ଥିତ ବ୍ୟାସନଗର ପବ୍ଲିକ ସ୍କୁଲର ୧୩ତମ ବାର୍ଷିକୋତ୍ସବ 'ଆରୋହଣ' ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ୍ ପ୍ରିନ୍ସିପାଲ ଡ. ଦେବସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲୋନେଲ ସୋନାଲି ରଥ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ନଗରପାଳ ସୁବାସ ଚନ୍ଦ୍ର ବଳ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷା ସବିତା ରାଉତ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ସ୍କୁଲ୍ ପରିଚାଳନା କମିଟି ସଭାପତି ଭାରତ ଭୂଷଣ ଦେଓ, ସିନିୟର ସେକେଣ୍ଡାରି ସ୍କୁଲ୍ ଭାଇସ ପ୍ରିନ୍ସିପାଲ ଗଜେନ୍ଦ୍ର ବେହେରା ଓ ନାରାୟଣ ରାଉଳ ଯୋଗଦେଇ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ କଲେ ସଫଳତା ମିଳିଥାଏ ବୋଲି କହିଥିଲେ। ତେଣୁ ଛାତ୍ରୀଛାତ୍ର ଆତ୍ମହରା ନ ହୋଇ ଆତ୍ମବିଶ୍ୱାସ ଦୃଢ଼କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ଦି ବ୍ୟାସ ଗାଲାକ୍ସି' ଉନ୍ମୋଚିତ ହୋଇଥିଲା। ସ୍କୁଲ ପ୍ରତିଷ୍ଠାତା କଳ୍ପତରୁ ସାହୁଙ୍କ ସ୍ତ୍ରୀ ଆଦରମଣି ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାଇସ ପ୍ରିନ୍ସିପାଲ ନାରାୟଣ ରାଉତ ବିବରଣୀ ପାଠ କରିଥିଲେ। ପ୍ରଜ୍ଞାପାରମିତା ରାଉତ ମଞ୍ଚ ପରିଚାଳନା କରିଥିଲେ।

ଅଧ୍ୟାପିକା ଦେବହୂତି ପାଣି, ଶିକ୍ଷକ ରଘୁନାଥ ମିଶ୍ର, ଶିକ୍ଷୟିତ୍ରୀ ହରପ୍ରିୟା କର, ମାହେଶ୍ୱରୀ ବେହେରା, ବବିତା ଛାବରା, ସତ୍ୟଭାମା ସ୍ୱାଇଁ, ସୂର୍ଯ୍ୟ ସତ୍ୟପ୍ରକାଶ ଶତପଥୀ, ବୀଣାପାଣି ସାହୁ, ମାନବିନ୍ଦର ସିଂ, ଶ୍ୟାମସୁନ୍ଦର ରାଉତ, ଭାଗ୍ୟଶ୍ରୀ ଦାଶ, ବିଶ୍ୱରୂପ ଦୁବେ, ରାକେଶ ସାହୁ, ପ୍ରଶାନ୍ତ ରଞ୍ଜନ, ସତ୍ୟଜିତ ରାଉତ, ରୋଜିନା ମହାନ୍ତି, ପ୍ରଶାନ୍ତି ଦେଓ, ସୁମିତ୍ରା ସାମଲ, ନିବେଦିତା ଜେନା, ଅନନ୍ୟା ରାଉତ, ଦେବାଶିଷ ପଣ୍ଡା, ନୀର ପ୍ରଧାନ, ପ୍ରତିମା ମଲ୍ଲିକ, ଶର୍ମିଳା ଜେନା, ସଂଯୁକ୍ତା ପଣ୍ଡା, ଜ୍ୟୋତିର୍ମୟୀ ଧୀର, ଅନିମା ନାୟକ, ପ୍ରଜ୍ଞା ରାଉତ, ସ୍ୱାତିସୁଦ୍ଧା ଖୁଣ୍ଟିଆ, ନମିତା ମହାନ୍ତି, ମାହେଶ୍ୱରୀ ବେହେରା, ଲୋପାମୁଦ୍ରା ମଙ୍ଗରାଜ, ଜଗନ୍ନାଥ ମୁଦୁଲି, ହିମାଦ୍ରୀ ତନୟା କନୁଅର, ତୃପ୍ତିରାଣୀ ଚକ୍ର, କାଦମ୍ବିନୀ ଦାସ, କୃଷ୍ଣଚନ୍ଦ୍ର ମହାରଣା, ସୁଧାଂଶୁ ଶେଖର ବାରିକ, ଗଙ୍ଗାଧର ବେହେରା, ଶ୍ୟାମସୁନ୍ଦର ରାଉତ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ଆଧାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ସେକେଣ୍ଡାରି ସ୍କୁଲର ଭାଇସ ପ୍ରିନ୍ସିପାଲ ଗଜେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ

**ବଡ଼ଚଣା,୧୩।୧୨ (ଦିଲୀପ କୁମାର ମହାନ୍ତି):**


ଶିଶୁ ମହୋତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ଚଣ୍ଡିଖୋଲ ନିକଟ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଶନିବାର ବଡ଼ଚଣା ଓଷ୍ଟା ପକ୍ଷରୁ ଏକ ଶିଶୁ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଭାଷ ଚନ୍ଦ୍ର ମହାପାତ୍ର ଯୋଗଦେଇ ସଂଘୀୟ ପତାକା ଉତ୍ତୋଳନ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଭାଗ୍ୟଧର ସାହୁ, ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୭୩ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧ମ, ୨ୟ ସ୍ଥାନ ଅଧିକାର କରିଥିବା ୨୦ଜଣ ପ୍ରତିଯୋଗୀ ଜିଲା ଓଷ୍ଟା ଶିଶୁ ମେଳାକୁ ଉନ୍ନୀତ ହୋଇଥିଲେ। ବିଚାରକ ଭାବେ ଅଜିତ ମିଶ୍ର, ରଜନୀକାନ୍ତ ପୃଷ୍ଟି, ରଞ୍ଜିତ ଦାଶ, ରାଜେନ୍ଦ୍ର ନାରାୟଣ ରାୟ, ଲକ୍ଷ୍ମୀପ୍ରିୟା ନନ୍ଦ, ରଞ୍ଜନ ଜେନା, ବାସୁଦେବ ଜେନା ପ୍ରମୁଖ ଯୋଗଦେଇ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜ ଆଦି ୧୦ ବିଭାଗର ପ୍ରତିଯୋଗିତାକୁ ମୂଲ୍ୟାଙ୍କନ କରିଥିଲେ।

ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ ସଭା ସୁଭାଷ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏହିଅବସରରେ ଦୟାନିଧି ସାମଲ, ଭରତ ଚନ୍ଦ୍ର ଜେନା, ଜୟନ୍ତ ପରିଡ଼ା, ଲକ୍ଷ୍ମୀଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ମଳ ଦଳେଇ, ନିଝୁମ ମହାନ୍ତି, ପ୍ରକାଶ ଚନ୍ଦ୍ର ପାଲ, ଚିନ୍ମୟ ଧଳ, ଗୋପୀନାଥ ସେନାପତି, ପ୍ରଫୁଲ୍ଲ ଦାଶ, ପ୍ରସନ୍ନ ପୃଷ୍ଟି, ରବିନ ଜେନା, ଶୁଭଶ୍ରୀ ସାହୁ, ଆଭା ରାଉତ, ଉତ୍ତମ କୁମାର ଜେନା, ସୁଶ୍ରୀ ସରିତା ମଲିକ, ସୁଶାନ୍ତ ସାଗର, ପବିତ୍ର ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ପାଗଳ ମାଙ୍କଡ଼ କାମୁଡ଼ାରେ ୧୧ ଗୁରୁତର**

କୁଜଙ୍ଗ, (ମନୋଜ ପ୍ରଧାନ): କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ଏକ ପାଗଳ ମାଙ୍କଡ ମାତିବା ସହ ୧୧ ଜଣଙ୍କୁ କାମୁଡି ଆହତ କରିଛି। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଜନସାଧାରଣ ଓ କୁଜଙ୍ଗ ବନ ବିଭାଗ ଉକ୍ତ ମାଙ୍କଡକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି। ଏହାପରେ ତାକୁ ଧରିବା ପାଇଁ ଚନ୍ଦକାରୁ ବନ ବିଭାଗର କାବୁକାରୀ ଓ ନିଶ୍ଚେତକ ଦଳ ମଗାଯାଇଛି। ଉକ୍ତ ଟିମ୍ ଶନିବାର ରାତିରେ ପହଞ୍ଚିବା ପରେ ରବିବାର ସକାଳୁ ମାଙ୍କଡ଼କୁ କାବୁ କରାଯିବ ବୋଲି କୁଜଙ୍ଗ ରେଞ୍ଜର ସଞ୍ଜୟ ପ୍ରଧାନ କହିଛନ୍ତି।

## ନିଶା ନିବାରଣ ବୈଠକ

ରାଜନଗର,୧୩।୧୨(ଭାସ୍କର ରାଉତରାୟ)

ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନଗର ବ୍ଲକକୁ ସମ୍ପୂର୍ଣ୍ଣ ନିଶା ନିବାରଣ କରିବା ଲକ୍ଷ୍ୟ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ନିଶା ନିବାରଣ ଅଭିଯାନର ଆବାହକ ଯୁବ ସାମାଜିକ କର୍ମୀ ସମୀର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକ, ସୈନିକ, ଶିକ୍ଷାବିତ୍, ଯୁବ ସଂଗଠକ, ଗଣମାଧ୍ୟମ ପ୍ରତିନିଧି ଏବଂ କବି ଗାଳ୍ପିକ ପ୍ରମୁଖ ଯୋଗଦେଇ ନିଶା କବଳିତ ଆଜିର ସଭ୍ୟ ସମାଜ କିଭଳି ବାଟବଣା ହୋଇ ସୁନାର ସୁନ୍ଦର ସଂସାରକୁ ମଶାଣିରେ ପରିଣତ କରି ଅନାଗତ ଭବିଷ୍ୟତ ପିଢ଼ି ପାଇଁ କଳଙ୍କିତ ଅଧ୍ୟାୟ ରଚୁଛନ୍ତି, ଏହାର ମୂଳ ଉତ୍ପାଟନ କରିବା ପାଇଁ ରାଜନଗର ମାଟିରୁ ଶପଥ ନେବା ପାଇଁ ଆହ୍ୱାନ ଦେଇଥିଲେ। ସୁବେଦାର ଗଗନ ସ୍ୱାଇଁ, ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ର, ଗାଳ୍ପିକ ପ୍ରଦୀପ ନାୟକ, କବି ଅଭିରାମ ସାହୁ, ବରିଷ୍ଠ ନାଗରିକ ଦାଶରଥି ଲେଙ୍କା, ପତ୍ରକାର ଭାସ୍କର ରାଉତରାୟ, ବସନ୍ତ ହାତୀ, ଜଗନ୍ନାଥ ଦାସ, ସୁରେଶ ଲେଙ୍କା ଓ ଶିବାନନ୍ଦ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ୧୩୮୮ ମାମଲା ଫଇସଲା, ୪.୬୩ କୋଟି ଆଦାୟ

## ଜଗତ୍‌ସିଂହପୁରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତ୍‌ସିଂହପୁର, ୧୩।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ପୌରୋହିତ୍ୟ କରି ମାମଲାଗୁଡିକର ଠିକ୍ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ଅତିରିକ୍ତ ଜିଲାଜଜ୍ ହର ପ୍ରସାଦ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ସବ୍‌ଜଜ୍ ରାକେଶ କୁମାର ମୁଦୁଲି, ସବ୍‌ଜଜ୍ (ଏଲ.ଆର.) ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ମୁନସିଫ ଅନନ୍ୟା ଦାସ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ମାମଲାଗୁଡିକର ପରିଚାଳନା କରିଥିଲେ। ଦେୱାନି ଅଦାଲତ ନିବନ୍ଧକ ବିଶ୍ୱକଳ୍ପିତା ମହାନ୍ତି ଓ ଶିକ୍ଷା ନବିସ ଅଧିକାରୀ ଶ୍ରୀୟଙ୍କା ଦାଶ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ତାଲୁକ ଆଇନସେବା କମିଟି ପକ୍ଷରୁ ଅତିରିକ୍ତ ଜିଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ୍‌ଜଜ୍ ଅବକାଶ ଚୌଧୁରୀ, ମୁନଶିଫ ଡ. ବିଶ୍ୱଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଙ୍କିତ ଦେୱାଙ୍ଗନ, ପାରସ ପାଢୀ, ସସ୍ମିତା ସେଠୀ ପ୍ରମୁଖ ମାମଲା ପରିଚାଳନା କରିଥିଲେ। ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ ପ୍ରସିକ୍ୟୁଟର ତପନ କୁମାର ପାଲ୍, ଡ. ସିଦ୍ଧାର୍ଥ ଶଙ୍କର ମହାନ୍ତି, ଆଇନଜୀବୀ ଆଶୁତୋଷ ଦାସ ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ରାଜସ୍ୱ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ସହିତ ଜିଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧୀୟ ପ୍ରାକ ମକଦ୍ଦମାର ଫଇସଲା ହୋଇଥିଲା। ଏହି ଅବସରରେ ଜିଲାର ମୋଟ ୨୧୭୩ ମାମଲା ମଧ୍ୟରୁ ୧୩୮୮ଟି ସମାଧାନ ହେବା ସହ ୪ କୋଟି ୬୩ ଲକ୍ଷ ୪୫ ହଜାର ୪୭୯ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧୀୟ ୫୦୪୧ଟି ପ୍ରାକ ମକଦ୍ଦମା ମଧ୍ୟରୁ ୬୮ ଫଇସଲା ହେବା ସହ ୧୨ ଲକ୍ଷ ୯୧ ହଜାର ୭୬୮ ଟଙ୍କା ଆଦାୟ କରାଯାଇଥିଲା। ଜଗତ୍‌ସିଂହପୁର ଜିଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଓ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏସବୁ ମକଦ୍ଦମାଗୁଡିକର ଫଇସଲା କରାଯାଇ ଅର୍ଥ ରାଶି ଆଦାୟ କରାଯାଇଥିବା ସୂଚନା ମିଳିଛି।



ଜଗତ୍‌ସିଂହ କୋର୍ଟ ପରିସରରେ ବିଚାରପତି ମାମଲା ପରିଚାଳନା କରୁଛନ୍ତି।

# ଦୋଛକିରେ ଦୁର୍ଘଟଣା: ଅଧ୍ୟାପକ ମୃତ

## ରାସ୍ତାରେ ପଡ଼ିରହିଛି ମୃତଦେହ, ଘଟଣାସ୍ଥଳରେ ଉତ୍ତେଜନା

ପାରାଦୀପ, ୧୩।୧୨(ଶରତ ରାଉତ)

ପାରାଦୀପ ଚଣ୍ଡିଖୋଲ ୫୩ ନମ୍ବର ରାଜପଥ ଲକ୍ଷ୍ମୀଥାନା ଅନ୍ତର୍ଗତ ଦୋଛକିରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁଜଙ୍ଗ କଲେଜର କମ୍ପ୍ୟୁଟର ଅଧ୍ୟାପକ ଅଜୟ ରାଉତ। ତାଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ଗ୍ରାମରେ। ମୃତଦେହ ରାସ୍ତା ଉପରେ ପଡ଼ିରହିଛି। ଖବରପାଇ ଗାଁ ଲୋକ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଘଟଣା ସ୍ଥଳରେ ଲକ୍ଷ୍ମୀଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରିନାହିଁ। ଅଜୟ ଏକ ସ୍କୁଟି ଯୋଗେ କୁଜଙ୍ଗରୁ ପାରାଦୀପ ଅଭିମୁଖେ ଆସୁଥିବା ବେଳେ ପାରାଦୀପରୁ ଚଣ୍ଡିଖୋଲ ଯାଉଥିବା ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଅଜୟ ତଳେ ପଡି ଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା। ଦୋଛକି ନିକଟରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଫ୍ଲାଏ ଓଭର ମଧ୍ୟ ନିର୍ମାଣ ହେଉଛି। ସେଠାରେ ୪ ଲେନ୍ ରାସ୍ତା ବନ୍ଦ କରାଯାଇ ଗୋଟିଏ ପଟେ ଗାଡି ଚଳାଚଳ ପାଇଁ ରଖାଯାଇଛି। ସେହି ସ୍ଥାନରେ ଏମିତି ଦୁର୍ଘଟଣା ଘଟିଛି।



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଛି।



ଅଜୟ ରାଉତ

# ୫୬ ମାମଲାର ସମାଧାନ: ୧୧ ଲକ୍ଷ ୪୦ ହଜାର ଆଦାୟ

## କୁଜଙ୍ଗରେ ରାଷ୍ଟ୍ରୀୟ ଲୋକ ଅଦାଲତ

କୁଜଙ୍ଗ,୧୩।୧୨(ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନ ସେବା କମିଟି କୁଜଙ୍ଗ ଆନୁକୂଲ୍ୟରେ ଦେୱାନୀ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୬ ମାମଲାର ସମାଧାନ କରାଯାଇ ୧୧ ଲକ୍ଷ ୪୦ ହଜାର ଟଙ୍କା ଆଦାୟ ହୋଇଛି। ଏହି ଅଦାଲତରେ ଏନ୍‌ଆଇ ଆକ୍ଟରେ ମାମଲା, ବୁଝାମଣାଯୋଗ୍ୟ ଫୌଜଦାରି ମକଦ୍ଦମା, ମନି ରିକଭରି ଓ ବୈବାହିକ ମତଭେଦଜନିତ ମାମଲାର ବିଚାର କରାଯାଇଥିଲା। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଓ ଦୌରାଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଅବକାଶ ଚୌଧୁରୀ, କନିଷ୍ଠ ଦେୱାନି ଅଦାଲତ ବିଚାରପତି ଡ. ବିଶ୍ୱଭୂଷଣ ନାୟକ, ଭାରପ୍ରାପ୍ତ ଜେଏମ୍‌ଏଫ୍‌ସି ଅଙ୍କିତ ଦେବଗନ ପ୍ରମୁଖ ଉପସ୍ଥିତ ରହି ମକଦ୍ଦମାଗୁଡ଼ିକର ବିଚାର କରିଥିଲେ। ତାଲୁକ ଆଇନ ସେବା କମିଟି ରିଟେନର ନୃସିଂହ ପ୍ରଧାନ ଓ କର୍ମଚାରୀ ପ୍ରଦୀପ ମୁଦୁଲି ଏହାକୁ ପରିଚାଳନା କରିଥିଲେ। କୁଜଙ୍ଗ ଓକିଲ ସଂଘ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହି ଏସବୁ ମାମଲାର ସମାଧାନରେ ସହାୟତା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ବିକାଶ



@ ପ୍ରଶାନ୍ତ



@ ଶ୍ରୀକାନ୍ତ



@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିକଶିତ ପ୍ରତିଭା ବିକାଶର ସ୍ୱପ୍ନ ଦେଖେ

## ରଘୁନାଥପୁର ମଣ୍ଡଳସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ ଉଦ୍‌ଯାପିତ



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ରଘୁନାଥପୁର,୧୩।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଚିକଣିଆସ୍ଥିତ ଏଚ୍‌ଏମଟି ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଚ୍‌ଏମଟି ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମଣ୍ଡଳ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଷ୍ଟାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବାସହ ବିକଶିତ ପ୍ରତିଭା ବିକାଶର ସ୍ୱପ୍ନ ଦେଖେ ବୋଲି ମନ୍ତବ୍ୟ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ନିରଞ୍ଜନ ସାହୁ, ବିଜୟକିଶୋର ମହାନ୍ତି ଓ ନିରାକାର ମହାପାତ୍ର ଯୋଗଦେଇଥିଲେ। ଉତ୍ସବରେ ୧ମ, ୨ୟ ଓ ୩ୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ଓ ହେମଲତା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେଲେନା ମହାନ୍ତି ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଓଷ୍ଟାର ଉପଦେଷ୍ଟା ନିକୁଞ୍ଜ କିଶୋର ବେହେରା ମୁଖ୍ୟ ଅତିଥି ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ବ୍ଲକ ଓଷ୍ଟା ସଭାପତି ଶରତ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଓଷ୍ଟା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ମିହିର କୁମାର ନାୟକ ଓ ସୁଦର୍ଶନ ପରିଡ଼ା, ଓଷ୍ଟା ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ସାହୁ,ଶିକ୍ଷକ ପ୍ରତାପ କିଶୋର ମହାପାତ୍ର ଯୋଗଦେଇଥିଲେ। ସଭାରେ ବ୍ଲକ ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ସାମଲ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଚିତ୍ରସେନ ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ୟାଙ୍କରେ ସୁରକ୍ଷିତ ଜମା ରାଶି ସମ୍ବନ୍ଧୀୟ ସଚେତନତା



ସଚେତନ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଜଗତ୍‌ସିଂହପୁର, ୧୩।୧୨ (ପ୍ରମୋଦ କୁମାର ନାୟକ)

'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା, ଏଲ୍‌ଆଇସି ବିଭାଗୀୟ ପରିଚାଳକ ନିରଞ୍ଜନ ବେହେରା, ରିଜର୍ଭ ବ୍ୟାଙ୍କ ପ୍ରବନ୍ଧକ ମୌସୁମୀ ଶ, ୟୁକୋ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ବର୍ଷା ଓ ଜଗତ୍‌ସିଂହପୁର ଜିଲା ଅଗ୍ରଣୀ ଶାଖା ମୁଖ୍ୟ ପ୍ରବନ୍ଧକ ଅନିଲ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଦୀର୍ଘ ଦିନ ଧରି ଅନେକ ମୃତାହତ କିମ୍ବା ଅନ୍ୟ କାରଣରୁ ବ୍ୟାଙ୍କ ଜମା ଖାତାରେ ଜମା ରାଶି ଥାଇ କାରବାର ହେଉନାହିଁ। ଏହି ଅର୍ଥ ରାଶି ନେବା ପାଇଁ ଅନେକେ ଦାବି କରୁନାହାନ୍ତି। ତେଣୁ ଖାତା ଧାରକ କିମ୍ବା ମୃତ ବ୍ୟକ୍ତିର ପରିବାର କିପରି ଅର୍ଥ ରାଶି ଫେରି ପାଇବେ ସେ ବିଷୟରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଜନସାଧାରଣଙ୍କ ସଚେତନତା ପାଇଁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଷ୍ଟଲ ଖୋଲା ଯାଇଥିଲା। ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଅନେକ ଜମାକାରୀ ଏଥିରେ ଯୋଗ ଦେଇଥିଲେ।

# ଶକ୍ତି ସଂରକ୍ଷଣ ପାଇଁ ସଚେତନତା ଶୋଭାଯାତ୍ରା

ନାଉଗାଁ,୧୩।୧୨(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାୟରେ ଶନିବାର ଶକ୍ତି ସଂରକ୍ଷଣ ଉପରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ତିରୁଣା ଓ ଉର ଆଦି ଗ୍ରାମ ପରିକ୍ରମା କରିଥିଲେ। ସେମାନେ ହାତରେ ପ୍ଲା କାର୍ଡ ଧରି ଶକ୍ତ ସଂରକ୍ଷଣ ଉପରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ବିଦ୍ୟାୟଳର ଛାତ୍ରୀଛାତ୍ରମାନଙ୍କୁ ନେଇ ଶକ୍ତି ସଂରକ୍ଷଣ ଉପରେ କୁଇଜ ଓ ତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ କୁମାର ରାଉତ, ଶିକ୍ଷକ ପ୍ରଭୁଦତ୍ତ ମହାନ୍ତି, ରଶ୍ମି ରଞ୍ଜନ ପୁହାଣ, ଚିତ୍ତରଞ୍ଜନ ପରିଡା ଓ ସୁଧୀର କୁମାର ବିଶ୍ୱାଳ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶୋଭାଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ରମାନେ।

## ୨୩୭ ଛାତ୍ରୀଛାତ୍ର ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା

ରଘୁନାଥପୁର,୧୩।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ଶନିବାର ମୋଟ ୨୪୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩୭ ଜଣ ନବୋଦୟ ପ୍ରବେଶିକା ପରୀକ୍ଷା ଦେଇଥିବାର ଏବିଇଓ ଆଶୁତୋଷ ବାନାର୍ଜୀ ସୂଚନା ଦେଇଛନ୍ତି। ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୮ ଇଂଲିଶ ମିଡିୟମ ଏବଂ ବର୍ତ୍ତିସ୍ଥିତ ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୯ ଜଣ ଓଡ଼ିଆ ମିଡିୟମରେ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ୧୦୦ ମାର୍କ ଅବ୍‌ଜେକ୍ଟିଭ ପରୀକ୍ଷା ପାଇଁ ୨ ଘଣ୍ଟା ସମୟ ଅବଧି ରହିଥିଲା। ହରିକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ବେହାରା ଓ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାଶ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ। ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ଏବିଇଓ ବାନାର୍ଜୀ ସ୍ୱାଡ୍‌ଭାବେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାପଡ଼ିଛି।

# ଜଳ ଉତ୍ସ, କ୍ଷୁଦ୍ର ଜଳସେଚନ ଯୋଜନା ଯାଞ୍ଚ

ଜଗତ୍‌ସିଂହପୁର, ୧୩।୧୨ (ପ୍ରମୋଦ କୁମାର ନାୟକ)

ରାଜ୍ୟରେ ଥିବା ବିଭିନ୍ନ ଜଳ ଉତ୍ସକୁ ନେଇ ସରକାର ଯୋଜନା କରୁଛନ୍ତି। ତା'ପୂର୍ବରୁ ସର୍ବେକ୍ଷଣ କରାଯାଉଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ ସର୍ବେକ୍ଷଣ କାର୍ଯ୍ୟ ଜାରି ରହିଛି। ତେବେ ଏହି ସର୍ଭେ କିପରି ହେଉଛି ତା'ଉପରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ ଓ ବିଷୟ ବିଶେଷଜ୍ଞ ଡ. କୈଳାସ ଚନ୍ଦ୍ର ପାଣି ଅନୁଧ୍ୟାନ କରିଛନ୍ତି। ସେମାନେ ଜଗତ୍‌ସିଂହପୁର ବ୍ଲକର ଇଟାପଡ଼ା ଗ୍ରାମ ସହ ତିର୍ତ୍ତୋଲ ବ୍ଲକ ସଅଁରା ଗ୍ରାମରେ ସପ୍ତମ କ୍ଷୁଦ୍ର ଜଳସେଚନ ଗଣନା ଓ ଦ୍ୱିତୀୟ ଜଳାଶୟ ଗଣନାର କ୍ଷେତ୍ର ତଦାରଖ କରିଛନ୍ତି। ତଦାରଖ ସମୟରେ ନିର୍ଦ୍ଦେଶକ ଡ. ନନ୍ଦ ଗଣନା କରାଯାଇଥିବା ଜଳ ଉତ୍ସ ଓ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକୁ ଯାଞ୍ଚ କରିବା ସହ ଦେଖାଯାଇଥିବା ତ୍ରୁଟି ସୁଧାରିଥିଲେ। ଏହି ସମୟରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ଦ୍ଦେଶକ ଡ. ନନ୍ଦଙ୍କ ପୌରୋହିତ୍ୟରେ ରିଫ୍ରେସର ଟ୍ରେନିଂ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା। ଏହି ସମୟରେ ଡ. ନନ୍ଦ ସମୀକ୍ଷା କରି ଗଣନା କାର୍ଯ୍ୟକ୍ରମର ଗୁଣାତ୍ମକ ମାନ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଷୟ ବିଶେଷଜ୍ଞ ଡ. ପାଣି ଯୋଗଦେଇ ସପ୍ତମ କ୍ଷୁଦ୍ର ଜଳସେଚନ ଗଣନାର ପ୍ରକ୍ରିୟା, ପଦ୍ଧତି ଓ ମୌଳିକ ଧାରଣା ସମ୍ପର୍କରେ ଗଣନାକାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇ ସେମାନଙ୍କ ସମସ୍ତ ସନ୍ଦେହ ଓ କ୍ଷେତ୍ର ସମସ୍ୟା ନିରାକରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଓ ସହକାରୀ ନିର୍ଦ୍ଦେଶକ ଗୀତା ରାୟ ଯୋଗ ଦେଇଥିଲେ। ଡ. ନନ୍ଦ ମଧ୍ୟ ଜିଲାସ୍ତରୀୟ କୃଷି ଓ ସିଚାଇ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରି କ୍ଷେତ୍ର ସମସ୍ୟା ଓ ତଥ୍ୟର ଗୁଣସ୍ତର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ , ଏହି ସର୍ଭେ କାର୍ଯ୍ୟ ଏସ୍‌ଏଫ୍‌ଏସ୍ (ସର୍ଭେ ଅଫ ଫାଇନାନ୍ସିଆଲ ସିକ୍ୟୁରିଟି)ର ପଙ୍କଜିନୀ ଖଟୁଆ ଓ ସର୍ବେକ୍ଷଣକାରୀ ପିନାକୀ ପ୍ରସାଦ ଶତପଥୀଙ୍କ ଦ୍ୱାରା କରାଯାଇଥିଲା।



ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଓ ବିଷୟ ବିଶେଷଜ୍ଞ ବୈଠକରେ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ, ବିଷୟ ବିଶେଷଜ୍ଞଙ୍କ ଜଗତ୍‌ସିଂହପୁର ଗସ୍ତ

# ନୟାଗଡ଼ରେ ନୂଆ ଚିନିକଳ ପ୍ରତିଷ୍ଠା ପାଇଁ ପ୍ରୟାସ

■ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଲେ ପୁରୀ ଏମ୍‌ପି

■ ସବୁଜ ସଙ୍କେତ ଦେଇ କେନ୍ଦ୍ର ସମବାୟ ମନ୍ତ୍ରୀଙ୍କୁ ଜଣାଇଲେ ମୁଖ୍ୟମନ୍ତ୍ରୀ

ନୟାଗଡ଼,୧୩।୧୨(ଲୋକନାଥ ମିଶ୍ର)

ନୟାଗଡ଼ରେ ନୂଆ ଚିନିକଳ ପ୍ରତିଷ୍ଠା ପାଇଁ ପୁରୀ ଏମ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ପୁରୀ ଏମ୍‌ପି ସମ୍ବିତ ପାତ୍ର ଅବଗତ କରାଇବା ପରେ ସବୁଜ ସଙ୍କେତ ଦେଇ ମୁଖ୍ୟମନ୍ତ୍ରୀ ସମବାୟ ତଥା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଚିନିଶିଳ୍ପ ପ୍ରତିଷ୍ଠା ନେଇ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ପୁରୀ ଏମ୍‌ପି ସାମାଜିକ ଗଣମାଧ୍ୟମରେ ନିଜ ଚିଠି ସହ ମୁଖ୍ୟମନ୍ତ୍ରୀଙ୍କ ଚିଠିକୁ ପୋଷ୍ଟ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଏମ୍‌ପି ଲେଖିଛନ୍ତି, ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀର ନୟାଗଡ଼ ବିଧାନସଭା କ୍ଷେତ୍ରରେ ଏକ ଚିନିକଳ ପ୍ରତିଷ୍ଠା ପାଇଁ ନିରନ୍ତର ପ୍ରଚେଷ୍ଟା କରି ଆସୁଛି। ନୂଆ ଚିନିକଳ ହେଲେ ହଜାର ହଜାର ଚାଷୀଙ୍କର ଜୀବନ ଜୀବିକାରେ ପରିବର୍ତ୍ତନ ଆସିବ । ସ୍ଥାନୀୟ ଅଞ୍ଚଳର ଚାଷୀ ଆଖୁଚାଷ କରିଆସୁଛନ୍ତି । ୧୯୮୮ରେ ସମବାୟ ବିଭାଗ ଦ୍ୱାରା ନୟାଗଡ଼ରେ ଏକ ଚିନିକଳ ପ୍ରତିଷ୍ଠା କରାଯାଇଥିଲା। ଏହାର ସର୍ବାଧିକ ଉତ୍ପାଦନକ୍ଷମ ହୋଇ ୧୫ ହଜାର ଚାଷୀଙ୍କୁ ନିୟୋଜିତ କରିଥିଲା। ଚିନିକଳରୁ ବାର୍ଷିକ ପ୍ରାୟ ୧ ଲକ୍ଷ ୭୦ ହଜାର ମେଟ୍ରିକ୍ ଟନ୍ ଆଖୁ ପ୍ରକ୍ରିୟାକରଣ ହେଉଥିଲା । କାର୍ଯ୍ୟକ୍ଷମ ଚାଲେଞ୍ଜ ଯୋଗୁ ମିଲ୍ ବନ୍ଦ ହୋଇଗଲା। ୨୦୦୪ରେ ଏହାକୁ ଘରୋଇ ଅପରେଟରଙ୍କୁ ହସ୍ତାନ୍ତର କରାଯାଇଥିଲା। ୨୦୧୪ରେ ପୁଣିଥରେ କାର୍ଯ୍ୟ ବନ୍ଦ ହୋଇଗଲା । ଯାହା ହଜାର ହଜାର ଚାଷୀଙ୍କୁ ଅନିଶ୍ଚିତତା ମଧ୍ୟକୁ ଟାଣି ନେଲା । ବର୍ତ୍ତମାନ ନୟାଗଡ଼ ଏବଂ ସଂଲଗ୍ନ ଅଞ୍ଚଳରେ ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଆଖୁଚାଷ କରୁଛନ୍ତି। ଆଖୁଚାଷୀମାନେ ସ୍ଥାୟୀ ଏବଂ ଦୀର୍ଘକାଳୀନ ସମାଧାନ ଅପେକ୍ଷାକୁ ଅନାଇ ବସିଛନ୍ତି । ଏଭଳି ସ୍ଥଳେ ନୂଆ ଚିନିକଳ ପ୍ରତିଷ୍ଠା ଚାଷୀଙ୍କ ବିଶ୍ୱାସକୁ ପୁନର୍ଜୀବିତ କରିବ ନାହିଁ ବରଂ ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ବିକାଶକୁ ପ୍ରେରଣା ଦେବ । ଅନ୍ୟପକ୍ଷେ ଚାଷୀଙ୍କ ଆର୍ଥିକ ଆବଶ୍ୟକତାକୁ ସିଧାସଳଖ ସମର୍ଥନ କରିବ। ଚିନିକଳ ହେଲେ ଇଥାନଲ୍ ଉତ୍ପାଦନ, ଗୁଡ଼ ୟୁନିଟ୍, ବାୟୋମାସ୍ ଶକ୍ତି ଏବଂ ପ୍ୟାକେଜିଂ ଶିଳ୍ପ ଭଳି ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ପରବର୍ତ୍ତୀ ପର୍ଯ୍ୟାୟରେ ନୟାଗଡ଼ ଜିଲା ଏକ ସମୃଦ୍ଧ କୃଷି ଶିଳ୍ପ କରିଡରେ ପରିଣତ ହେବ ବୋଲି ଦର୍ଶାଇଛନ୍ତି । ତେବେ ନିର୍ବାଚନ ସମୟରେ ୩ମାସ ମଧ୍ୟରେ ଚିନିକଳ ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲି। ସେହି ମୁତାବକ ଚିନିକଳ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ସମବାୟ ତଥା କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଚିଠିରେ ପୁରୀ ଏମ୍‌ପିଙ୍କ କଥାକୁ ଦୋହରାଯାଇଛି । ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶାଇଛନ୍ତି, ଦୀର୍ଘକାଳୀନ ଗ୍ରାମୀଣ ଶିଳ୍ପାୟନ ଏବଂ ହଜାର ହଜାର ଚାଷୀ ପରିବାରକୁ ଜୀବିକା ଦେବାର ସମ୍ଭାବନାକୁ ଦେଖି ନୟାଗଡ଼ରେ ଏକ ଚିନିକଳ ପ୍ରତିଷ୍ଠା କରାଯିବା ଦରକାର । ଏହା କରାଗଲେ କେବଳ ଚାଷୀମାନଙ୍କୁ ସ୍ଥାୟୀ ଆୟ ସୁଯୋଗ ପ୍ରଦାନ କରିବ ନାହିଁ ବରଂ ଓଡ଼ିଶାରେ ସନ୍ତୁଳିତ ଆଞ୍ଚଳିକ ବିକାଶରେ ମଧ୍ୟ ଯୋଗଦାନ କରିବ। ଏଣୁ ନୟାଗଡ଼ରେ ଚିନି ଶିଳ୍ପ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ସମବାୟ ତଥା କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ପ୍ରକାଶ ଯେ, ପାଣିପୋଇଲାସ୍ଥିତ ଚିନିକଳରେ ତାଲା ଝୁଲିବା ପରେ ଏହା ରାଜନୈତିକ ମୁଦା ହୋଇଆସିଛି। ବିଭିନ୍ନ ଦଳ ଚିନିକଳକୁ ଇସ୍ୟୁ କରି ନିର୍ବାଚନ ବୈତରଣୀ ପାର ହେଉଥିବା ବେଳେ ଏହାର ପ୍ରତିଷ୍ଠାକୁ ଅଣଦେଖା କରିଆସୁଛନ୍ତି। ଏଭଳିସ୍ଥଳେ ନିର୍ବାଚନରେ ବିଜୟୀ ହେଲେ ନୟାଗଡ଼ରେ ୩ମାସ ମଧ୍ୟରେ ଚିନିକଳ ପ୍ରତିଷ୍ଠା କରିବାକୁ ପୁରୀ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ । ଏହା ପାଳନ ନ ହୋଵରୁ ଜିଲାର ଚାଷୀ ଉଦ୍‌ବେଗ ଓ ଅସନ୍ତୋଷ ଜାହିର କରୁଥିଲେ ।

# କାର୍ଯ୍ୟକର୍ତ୍ତା ଚୟନ ପାଇଁ ୧୦ ଜଣିଆ କଂଗ୍ରେସ କମିଟି ଗଠିତ

ନୟାଗଡ଼,୧୩।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ପ୍ରତ୍ୟେକ ବ୍ଲକ, ଏନ୍‌ଏସି ଓ ମ୍ୟୁନିସିପାଲିଟି ସଭାପତି, କମିଟି ସହିତ ଜିଲା କଂଗ୍ରେସ କମିଟି ଓ କାର୍ଯ୍ୟକର୍ତ୍ତା ମନୋନୟନ ପାଇଁ ଜିଲା ସଭାପତିଙ୍କ ନେତୃତ୍ୱରେ ୧୦ ଜଣିଆ କମିଟି ଗଠନ କରାଯାଇଛି । କମିଟିରେ ସରୋଜ କୁମାର ପରିଡ଼ା, ଧ୍ରୁବ ଚରଣ ପରିଡ଼ା, ଲକ୍ଷ୍ମୀଧର ତ୍ରିପାଠୀ, ବିନୋଦିନୀ ମହାନ୍ତି, ସୁକାନ୍ତ କୁମାର ଶତପଥୀ, ବିଶ୍ୱନାଥ ବରା, ନକୁଳ ନାୟକ, କମଳ ଚରଣ ସାହୁ, ଅମ୍‌ଜାଦ ଖାନ ଓ ଶିବ ରଞ୍ଜନ ସାହୁ ପ୍ରମୁଖ ସ୍ଥାନ ପାଇଛନ୍ତି। ସମ୍ପୃକ୍ତ କମିଟି ଜିଲା ଗସ୍ତ କରି ଆଗାମୀ ୧୬ ଡିସେମ୍ବରଠାରୁ ସପ୍ତାହ ବ୍ୟାପୀ ଜିଲାର ବିଭିନ୍ନ ବ୍ଲକ, ଏନ୍‌ଏସି, ମ୍ୟୁନିସିପାଲିଟି ଗସ୍ତ କରି ବରିଷ୍ଠ ନେତୃତ୍ୱ, ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରି ସାଙ୍ଗଠନିକ ଦକ୍ଷତାକୁ ମାପକାଠି କରାଯାଇ କାର୍ଯ୍ୟକର୍ତ୍ତା ମନୋନୟନ କରିବେ। ପରେ ଚୂଡ଼ାନ୍ତ କରି ପ୍ରଦେଶ କଂଗ୍ରେସ କମିଟିକୁ ସୁପାରିସ କରିବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୪,୫୮୫ ମାମଲା ଫଇସଲା




ବିଚାରପତିମାନେ ମାମଲାର ସମାଧାନ କରୁଛନ୍ତି।

ନୟାଗଡ଼,୧୩।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ୪,୫୮୫ ମାମଲା ଫଇସଲା ହୋଇଛି। ଏଥିରେ ୫ଟି ମୋଟର ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪୭ ଲକ୍ଷ ୩୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୦୧ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନ୍‌ଆଇ ଆକ୍ଟ କେସ୍ ୫ଟି ଫଇସଲା କରାଯାଇ ୧୪ ଲକ୍ଷ ୯୬ ହଜାର ଟଙ୍କା ଆଦାୟ କରଯାଇଥିଲା। ପୁଣି ବିବାହଜନିତ ୧୯ ମାମଲା ଫଇସଲା କରାଯାଇ ୮୪ ହଜାର ଟଙ୍କା ଆଦାୟ ହୋଇଥିଲା। ଏଥିରୁ ଦୁଇଟି ବିବାହଜନିତ ସ୍ୱାମୀ-ସ୍ତ୍ରୀ କେସ୍‌ରେ ପରିବାର ଅଦାଲତ ବିଚାରପତିଙ୍କ ଦୃଢ଼ ପ୍ରଚେଷ୍ଟାରେ ସ୍ୱାମୀ-ସ୍ତ୍ରୀ ଏକାଠି ହୋଇ ପାରିଛନ୍ତି। ଫୌଜଦାରି ୧୯୧ଟି ମାମଲା ଫଇସଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରିନଥିବା ୧୪୦ ଗ୍ରହିତାଙ୍କଠାରୁ ୨୫ ଲକ୍ଷ ୪୭ ହଜାର ୧୩୧ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା।

ସେହିପରି ୪,୦୭୭ ରାଜସ୍ୱ ମାମଲା ଫଇସଲା କରାଯାଇ ୧୦,୫୪,୫୩୮ ଟଙ୍କା ଆଦାୟ ହୋଇଥିଲା। ରଫାଯୋଗ୍ୟ ଫୌଜଦାରି ମାମଲା ୩ଟି ଫଇସଲା କରାଯାଇଥିଲା। ବିଦ୍ୟୁତ୍ ସମ୍ବନ୍ଧୀୟ ୪୪ ମାମଲା ଫଇସଲା ହୋଇଥିଲା। ଲୋକ ଅଦାଲତରେ ଜିଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ଇନ୍ଦୁ ଶର୍ମା, ଅତିରିକ୍ତ ଜିଲା ଓ ଦୌରା ଜଜ୍ ରିଜା ରାୟ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ରବି ନାରାୟଣ ବେହେରା, ଉପଖଣ୍ଡ ଫୌଜଦାରି ବିଚାରପତି ସମାପିକା ସମଦର୍ଶିନୀ, ଜେଏମ୍‌ଏଫ୍‌ସି ଲଳିତା ପାତ୍ର ଏବଂ ଶୁଶ୍ରୀତା ମିଶ୍ର ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତିସ୍ନିଗ୍ଧା ଦାସ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ୍ (ମହିଳା ଅଦାଲତ) ସ୍ୱୟଂପ୍ରଭା ଆଚାର୍ଯ୍ୟ ଏବଂ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୋନାଲୀ ସରିତା ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ନ୍ୟାୟ ଅଧିକାର ମିତ୍ର, ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, ରମେଶ ଚନ୍ଦ୍ର ମହାରଣା, କନ୍‌ସିଏଲେଟର କ୍ଷଣପ୍ରଭା କର ଏବଂ ଜିଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ପଠାଣି ସାମନ୍ତଙ୍କ ୧୯୧ତମ ଜନ୍ମସ୍ମାରକୀ ଉପଲକ୍ଷେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ



ଅତିଥିମାନେ ସାମନ୍ତ ଚନ୍ଦ୍ର ଶେଖରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ନୟାଗଡ, ୧୩।୧୨(ଲୋକନାଥ ମିଶ୍ର)

ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୧ତମ ଜନ୍ମ ସ୍ମାରକୀ ଉପଲକ୍ଷେ ସାମନ୍ତ ଚନ୍ଦ୍ର ଶେଖର ସାଂସ୍କୃତିକ ଅନୁଷ୍ଠାନ ନୟାଗଡ଼ ପକ୍ଷରୁ ପଠାଣି ସାମନ୍ତ ସଂସ୍କୃତି ଭବନରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ସୁଜାତା କୁମାରୀ ସାହୁ ଯୋଗଦେଇ ସାମନ୍ତ ଚନ୍ଦ୍ର ଶେଖରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟଙ୍କ ସହ ସଭାପତି ପ୍ରମୋଦ ପଟ୍ଟନାୟକ, ରଣଜିତ ଦାସ, ଲକ୍ଷ୍ମୀଧର ମହାପାତ୍ର, ବିଜୟ ଚୌଧୁରୀ, ବିଶ୍ୱନାଥ ମହାପାତ୍ର, ବାସୁଦେବ ମହାନ୍ତି, ନିର୍ମଳ ସୁରଦେଓ, ପ୍ରତାପ ନନ୍ଦ, ଲକ୍ଷ୍ମୀଧର ସାହୁ, ଦାମୋଦର ସାହୁ, ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ଶ୍ରୀକାନ୍ତ ପଟ୍ଟନାୟକ ଓ ଗୋକୁଳ ଷଡ଼ଙ୍ଗୀଙ୍କ ସମେତ, ସଂସ୍କୃତି ପ୍ରେମୀ, ଓ ବୁଦ୍ଧିଜୀବୀ ଉପସ୍ଥିତ ହୋଇ ପଠାଣି ସାମନ୍ତଙ୍କ ଜନ୍ମ ସ୍ମାରକୀ ଅବସରରେ ସ୍ମୃତିଚାରଣ କରି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ମର୍ଦ୍ଦରାଜପୁରକୁ ହରାଇ ଭୋଗଡା ସେମିରେ

**ବରୁଣେଇ କ୍ରିକେଟ୍ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା,୧୩।୧୨(ଅଜୟ କୁମାର ମହାରଣା)

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିଅମରେ ମା' ବରୁଣେଇ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ୧୯ତମ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ପ୍ରଥମ କ୍ୱାର୍ଟର୍ସ ଫାଇନାଲରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ(ଭୋଗଡା) ୪୦ ରନରେ ମର୍ଦ୍ଦରାଜପୁର କ୍ରିକେଟ କ୍ଲବକୁ ହରାଇ ବିଜୟୀ ହୋଇଛି ।

ଭୋଗଡ଼ା ଦଳ ଟସ୍ ଜିତି ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ କରିଥିଲା। ଭୋଗଡ଼ା କ୍ଲବର ଗୋପାଳ ଧୁଆଁଧାର ୨୨ ବଲରେ ୩୩ ରନ ସଂଗ୍ରହ କରିଥିଲେ ମଧ୍ୟ ଭୋଗଡ଼ା କ୍ଲବର ସିପୁ ସ୍ୱାଇଁ ୧୦ ରନ କରି ପ୍ରଥମ ୫ ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ମର୍ଦ୍ଦରାଜପୁର କ୍ରିକେଟ କ୍ଲବ ୧୩.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୧ ରନ କରିଥିଲା। ଭୋଗଡ଼ା କ୍ଲବ ଆଜିର ବିଜେତା ହୋଇଛି। ସିପୁ ସ୍ୱାଇଁ (ଶ୍ରେଷ୍ଠ ଖେଳାଳି) ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୋଗଡା କ୍ଲବ ୩୯ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଛି। ମ୍ୟାଚକୁ ଦୀପକ ନାୟକ ଓ ଅନିଲ ନାୟକ ପରିଚାଳନା କରିଥିଲେ। ତାପସ ମହାପାତ୍ର ଭାଷ୍ୟକାର ଓ ରାଜେନ୍ଦ୍ର ଦଳେଇ ସ୍କୋରର ଦାୟିତ୍ୱ ତୁଲେଇଥିଲେ। ରବିବାର ଦ୍ୱିତୀୟ କ୍ୱାର୍ଟର୍ସ ଫାଇନାଲ ଦିବସରେ ବରୁଣେଇ କ୍ଲବ (ଏ) ବନାମ ବଡ ବାଣପୁର କ୍ରିକେଟ କ୍ଲବ (ଉଭୟ ଖଣ୍ଡପଡ଼ା ବ୍ଲକ) ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବର ସଦସ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି।

![ସେଲ୍‌ଫି କର୍ଣ୍ଣର ଧରିତ୍ରୀ]

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ବିକାଶ



@ ପ୍ରଶାନ୍ତ



@ ଶ୍ରୀକାନ୍ତ



@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବୋଦୟ ପ୍ରବେଶିକା ପରୀକ୍ଷା ଦେଲେ ୧୪୯ ଛାତ୍ରୀଛାତ୍ର



ନବୋଦୟ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଆସିଥିବା ଛାତ୍ରୀଛାତ୍ର।

ଗଣିଆ,୧୩।୧୨(ସନ୍ତୋଷ କୁମାର ପ୍ରଧାନ)

ଜବାହର ନବୋଦୟ ବିଦ୍ୟାଳୟ ସମିତି ତରଫରୁ ୬ଷ୍ଠ ଶ୍ରେଣୀ ନିମନ୍ତେ ୧୪୯ ଛାତ୍ରୀଛାତ୍ର ଶନିବାର କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଉକ୍ତ ପରୀକ୍ଷା ପାଇଁ ଗଣିଆ ବ୍ଲକର ୧୭୮ ଛାତ୍ରୀଛାତ୍ର ଦରଖାସ୍ତ କରିଥିବା ବେଳେ ୧୪୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବାକି ୨୯ ଛାତ୍ରୀଛାତ୍ର କୌଣସି କାରଣରୁ ଅନୁପସ୍ଥିତ ଥିଲେ। କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷୟିତ୍ରୀ ନୀହାରବାଳା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ହୋଇଥିଲା ବେଳେ ପର୍ଯ୍ୟବେକ୍ଷକ ଭାବେ ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟ ଓ ନୟାଗଡ଼ ନବୋଦୟ ବିଦ୍ୟାଳୟର ସୁରେଶ ଚନ୍ଦ୍ର ନାୟକ ପରୀକ୍ଷା ପରିଦର୍ଶନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

ଦଶପଲ୍ଲା,୧୩।୧୨(ପ୍ରକାଶ କୁମାର ପାଣି)



ମଞ୍ଚାସୀନ ଅତିଥିବୃନ୍ଦ ।

ଦଶପଲ୍ଲା ବ୍ଲକ କାଟପଲ୍ଲୀ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଦୁଇ ଦିନଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ବକ୍ତା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ,ଏନ୍‌ଏସି ଅଧ୍ୟକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି କିଶୋର ଦଳବେହେରା, ସମିତି ସଦସ୍ୟା ମାମି ପ୍ରଧାନ, ଘୁଘୁଡିପଡା ସରପଞ୍ଚ ଜୁବୁଲି କମିଟି ସଭାପତି ରମେଶ ଚନ୍ଦ୍ର ସାହୁ, ନାଲକୋର ପ୍ରାକ୍ତନ ବରିଷ୍ଠ ଅଧିକାରୀ ବିଦିପ୍ତ ରାୟ ଓ ଦଶପଲ୍ଲା ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ମଞ୍ଚ ସଭାପତି ଥିଲେ ବାମନ ଚରଣ ବାରିକି, ବିବରଣୀ ପାଠ କରିଥିଲେ ପ୍ରଧାନ ଶିକ୍ଷକ ହୃଷୀକେଶ ବାରିକ। ଶିକ୍ଷକ ପବିତ୍ର ସାହୁ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ବିଧାୟକ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ ପ୍ରତି ନିଷ୍ଠା ରଖିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏଠାରେ ଚାଲୁଥିବା ହଷ୍ଟେଲକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଅତିଥି ବାଚସ୍ପତି ଛାତ୍ରୀଛାତ୍ରମାନେ ନିଷ୍ଠା ରଖିବା ସହିତ ସତ୍ୟବାଦୀ ହେବା ଆବଶ୍ୟକ ଓ ପିତାମାତା ଅଭିଭାବକ, ଶିକ୍ଷକମାନେ ମଧ୍ୟ ଶିଶୁଙ୍କୁ ଯତ୍ନ ଓ ସହାୟତା ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ।

ରାଜ୍ୟ ସରକାର ପ୍ରତି ବିଦ୍ୟାଳୟକୁ ସ୍ଥାୟୀ ଯାଗା ଦେଇ ସବୁ ପ୍ରକାର ପଦକ୍ଷେପ ନେବାକୁ ନିଷ୍ପତ୍ତି ଜାତୀୟ ଶିକ୍ଷାନୀତି ଅନୁଯାୟୀ ସଂସ୍କୃତି ଆଧାରିତ ମୂଲ୍ୟବୋଧ ଭିତ୍ତିକ ଉନ୍ନତ କରିବା ପାଇଁ ଚେଷ୍ଟିତ ବୋଲି କହିଥିଲେ। ୨୦୨୬ ବେଳକୁ ଓଡ଼ିଶାକୁ ପୂର୍ଣ୍ଣ ବିକଶିତ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଥମ ଦିନ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ,ଗାଇଡ ସେକ୍ସନ୍ ରାଜ୍ୟ ପ୍ରତିନିଧି ସୁପ୍ରିୟା ଶ୍ରୀ ଚନ୍ଦନ ଓ ଜିଲା ସଂଗଠକ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅପରାହ୍ନରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମିଶ୍ର, ଗାଳ୍ପିକ ହାଡିବନ୍ଧୁ ମହାକୁଡ଼, ଗଙ୍ଗାଧର ପ୍ରଧାନ ସିଆରସିସି, ଜୟନ୍ତ ନାଥ ଦଳବେହେରା, କାଳନ୍ଦୀ ଚରଣ ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଦୁଇଦିନ ଧରି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ସହ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସଂସଦ ଭବନ ଆକ୍ରମଣର ୨୪ତମ ବାର୍ଷିକୀ ଅବସରରେ ଶନିବାର ନୂଆଦିଲ୍ଲୀର ସମ୍ବିଧାନ ସଦନଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ପାଖରେ ଅଛନ୍ତି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ।

# ଥିରୁଭାନନ୍ତପୁରମ୍‌ରେ ଏନ୍‌ଡିଏ

## କେରଳ ପୌର ନିର୍ବାଚନ

**ଥିରୁଭାନନ୍ତପୁରମ୍, ୧୩।୧୨ (ପି.ଟି.)**

